THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା



‘ଇନ୍ସପେକ୍ଟର ସନା’

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୨୨ ଫେବୃଆରୀ ୨୦୨୬

## ଗୁମ୍ଫା ସଂସ୍କୃତିର ଐତିହ୍ୟ

# ଖଣ୍ଡଗିରି-ଉଦୟଗିରି



# ଶ୍ରୀ ରାମକୃଷ୍ଣ ଲୀଳାମୃତ ୩୪


■ ମନୋଜ କୁମାର ମହାପାତ୍ର

ଶ୍ରୀ ରାମକୃଷ୍ଣ ଯେତିକି ଯେତିକି ଭାବବିଭୋର ହେବାକୁ ଲାଗିଲେ, ସେତିକି ସେତିକି ସେ କେଶବଙ୍କର ନିକଟତର ହେଉଥିଲେ। ଏପରିକି ତାଙ୍କର ଜଙ୍ଘ ଓ ଗୋଡ କେଶବଙ୍କ କୋଳରେ ଟେକି ହେଇ ରହିଥିଲା।

ମୁଁ କେଶବଙ୍କୁ ସ୍ପର୍ଶ କରି ତାଙ୍କୁ ଲାଗି ବସିଥିଲି। ପରମହଂସ ନୌକାରେ ପ୍ରାୟ ଆଠ ଘଣ୍ଟା କାଳ ବସି ରହିଥିଲେ ଏବଂ ଏହା ଭିତରେ କିଛି ସମୟ ପାଇଁ ସମାଧିରେ ରହିଲେ। ତା'ପରେ ଲଗାତର କଥା କହୁଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏପରି କଥା କହୁଥିବାର ମୁଁ ଦେଖିନାହିଁ। ସେଠାରେ କୌଣସି ପ୍ରକାର ଯୁକ୍ତିତର୍କ ବା ବିଚାର ଆଲୋଚନା ନ ଥିଲା। ସେ ସେହି ଆଠ ଘଣ୍ଟା ବଡ଼ ଆଶ୍ଚର୍ଯ୍ୟ ସହକାରେ କହିଚାଲିଲେ - କେଶବ ସ୍ୱୟଂ ଜଣେ ପ୍ରଭାବଶାଳୀ ବକ୍ତା ଥିଲେ, ଅଦ୍ଭୁତ ବିଦ୍ୱାନ ଥିଲେ। ଏହି ଆଠ ଘଣ୍ଟା ଭିତରେ କେଶବ ଅତିବେଶୀରେ ଦଶ ବାର ବାକ୍ୟ ଉଚ୍ଚାରଣ କରିଥିବେ। ସେ ବି ପ୍ରଶ୍ନ ରୂପରେ କିଛି ପଚାରୁଥିଲେ କିନ୍ତୁ ଶ୍ରୀ ରାମକୃଷ୍ଣ ସେସବୁର ଲମ୍ବା ସମାଧାନର ଉତ୍ତର ଦେଉଥିଲେ। ସେହି ନୌକାରେ ବସିଥିବା ଦଳମାନଙ୍କ ଭିତରେ ଶ୍ରୀ ରାମକୃଷ୍ଣ ଏକମାତ୍ର ବକ୍ତା ଥିଲେ ଏବଂ ତାଙ୍କର ବାଣୀ ସେହିପରି ଅଖଣ୍ଡ ଥିଲା ଯେମିତିକି ନୌକା ତଳେ ବହମାନ ଗଙ୍ଗା। ତାଙ୍କର ମଧୁର ମର୍ମସ୍ପର୍ଶୀ ବାଣୀ ଛଡ଼ା ଆଉ କିଛି ଆମକୁ ଶୁଣିବାକୁ ମିଳୁନଥିଲା। ସେହି କ୍ଷଣକାୟ ତପସ୍ୱୀ ଅର୍ଦ୍ଧନିମିଳିତ ନେତ୍ରଦ୍ୱୟରେ ହାତଯୋଡ଼ି ଆମ ସମ୍ମୁଖରେ ବିରାଜମାନ ଥିଲେ। ଏହାଛଡା ଆମକୁ ଆଉ କିଛି ଦେଖାଯାଉ ନଥିଲା। ତାଙ୍କ ଓଠରୁ ନିଃସୃତ ଶବ୍ଦ ଅତ୍ୟନ୍ତ ସରଳ ଥିଲା। ତାଙ୍କର ସେହି ଶବ୍ଦରୁ ପ୍ରକଟିତ ହେଉଥିବା ଉଚ୍ଚତମ ବିଚାର ଓ ଗଭୀରତା ଅନ୍ୟ କାହା ସଙ୍ଗେ ତୁଳନା ହେଇପାରିବନି। ପ୍ରତ୍ୟେକ ବିଚାର ଗୋଟିଏ ଲେଖାଏଁ ରହସ୍ୟକୁ ଉଦ୍‌ଘାଟନ କରୁଥିଲା। ପ୍ରତ୍ୟେକ ଦୃଷ୍ଟାନ୍ତ, ପ୍ରତ୍ୟେକ କଳ୍ପନା, ପ୍ରତ୍ୟେକ ଉପମା ସବୁଠାରୁ ଆଶ୍ଚର୍ଯ୍ୟ ଲାଗୁଥିଲା। ମାନବୀୟ ଚରିତ୍ର ଉପରେ ବିଭିନ୍ନ ପ୍ରକାରର ଚର୍ଚ୍ଚା କରୁଥିଲେ। ଭକ୍ତିକୁ ବିଭିନ୍ନ ପ୍ରକାରେ ନିଜର ଅନୁଭବ ସହିତ ପ୍ରକାଶ କରୁଥିଲେ ଏବଂ ଆତ୍ମ-ସାକ୍ଷତକାରର ଅବିରଳ ଆନନ୍ଦର ବର୍ଣ୍ଣନା କଲେ। ଯେତେବେଳେ ନିରାକାର ବ୍ରହ୍ମଙ୍କ ବିଷୟରେ କହିବାକୁ ଆରମ୍ଭ କଲେ, ସେ ସଙ୍ଗେ ସଙ୍ଗେ ସମାଧିରେ ମଗ୍ନ ହେଇଗଲେ ଏବଂ ତାଙ୍କର ଚେହେରା ଅନୁପମ ଆନନ୍ଦରେ ଉଦ୍‌ଭାସିତ ହେଇଉଠିଲା।

ବ୍ରାହ୍ମ ସମାଜର ତତ୍‌କାଳୀନ ଅନ୍ୟ ନେତାଗଣ ଯେଉଁଥିଲେ ପ୍ରତାପଚନ୍ଦ୍ର ମଜୁମଦାର, ପଣ୍ଡିତ ବିଜୟକୃଷ୍ଣ ଗୋସ୍ୱାମୀ, ପଣ୍ଡିତ ଶିବନାଥ ଶାସ୍ତ୍ରୀ ତଥା ତ୍ରୈଲୋକ୍ୟ ନାଥ ସାନ୍ୟାଲ ଇତ୍ୟାଦି ପ୍ରମୁଖ ଥିଲେ। ଶ୍ରୀ ରାମକୃଷ୍ଣଙ୍କର ଘନିଷ୍ଠ ସାନ୍ନିଧ ଲାଭ କରି ବହୁତ ଲାଭାନ୍ୱିତ ହେଉଥିଲେ। ଶ୍ରୀ ରାମକୃଷ୍ଣଙ୍କୁ ମଧ ଏହି ସମ୍ପର୍କ ମାଧମରେ ବଙ୍ଗଳାର ଶିକ୍ଷିତ ସମୁଦାୟଙ୍କର ମନୋଭାବ ସହିତ ପରିଚିତ ହେବାର ଉପଯୁକ୍ତ ଅବସର ମିଳିଲା ଏବଂ ପରେ ତାଙ୍କର ବିଚାରଧାରାକୁ ପ୍ରଚାରିତ କରିବା ପାଇଁ ପ୍ରମୁଖ ସାଧନ ମଧ ସେମାନଙ୍କ ଠାରୁ ଆସିଥିଲା। ପ୍ରଥମେ ବ୍ରାହ୍ମଭକ୍ତମାନଙ୍କୁ ତାଙ୍କର ବିଚାରଧାରା ଖୁବ୍ ପ୍ରଭାବିତ କରିଥିଲା। କାହିଁକି ନା ଶ୍ରୀ ରାମକୃଷ୍ଣ ଦେଖିଲେ ଯେ ଏହି ବ୍ରାହ୍ମଭକ୍ତମାନେ ଭାରତର ସନ୍ଥ ଓ ମହାପୁରୁଷଙ୍କ ଅପେକ୍ଷା ପଶ୍ଚିମ ଦେଶର ଦାର୍ଶନିକଙ୍କ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି ଏବଂ ହିନ୍ଦୁ ଧର୍ମର ପୁରାତନ ସତ୍ୟକୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରିବା ପାଇଁ ଅତ୍ୟଧିକ କଠିନ ବୋଲି ଅନୁଭବ କରୁଛନ୍ତି। କିନ୍ତୁ ଶ୍ରୀ ରାମକୃଷ୍ଣ ଏହା ଦେଖି ଆଦୌ ହତାଶ ହୋଇନଥିଲେ। ଏହା ପଛରେ ଈଶ୍ୱରଙ୍କ ହାତ ଥିବାର ସେ ବି ଦେଖିବାକୁ ପାଇଲେ। ତେଣୁ ପ୍ରେମର ସହିତ ନିଜର ଅନୁଭୂତିମାନ ବର୍ଣ୍ଣନା ବ୍ରାହ୍ମଙ୍କ ସହିତ କଲେ ଏବଂ ନିଜ ଉପଦେଶର ସାରବସ୍ତୁ ସେମାନଙ୍କୁ ପ୍ରଦାନ କଲେ। ଏହି ସାରତତ୍ତ୍ୱରେ ଥିଲା ତ୍ୟାଗର ଆବଶ୍ୟକତା, ନିଜର ଆଦର୍ଶ ପ୍ରତି ନିଷ୍ଠା ରଖିବା, ଈଶ୍ୱରଙ୍କ ଠାରେ ବିଶ୍ୱାସ, ସଂସାରରେ ନିଷ୍କାମ ଚିତ୍ତରେ କର୍ମ କରି ସ୍ୱଧର୍ମ ପାଳନ ଏବଂ ସତ୍-ଅସତ୍‌ର ବିଚାର। ଏହାପରେ ମଧ ଶ୍ରୀ ରାମକୃଷ୍ଣ ଆହୁରି ଅନେକ ସୁବିଖ୍ୟାତ ବ୍ୟକ୍ତିଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ। ସେମାନଙ୍କ ମଧରୁ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ବଙ୍କିମ ଚନ୍ଦ୍ର ଚାଟାର୍ଜୀ, ମାଇକେଲ୍ ମଧୁସୂଦନ ଦତ୍ତ, ପଣ୍ଡିତ ଶଶଧର ତର୍କଚୂଡ଼ାମଣି, କୃଷ୍ଣଦାସ ପାଲ୍, ରାଜେନ୍ଦ୍ରଲାଲ୍ ମିତ୍ର, ଅଶ୍ୱିନ କୁମାର ଦତ୍ତ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ ଅଟେ। ସେମାନଙ୍କ ପାଇଁ ଶ୍ରୀ ରାମକୃଷ୍ଣଙ୍କ ସନ୍ଦେଶ ଓ ବାର୍ତ୍ତା ଆହୁରି ବିସ୍ତାରିତ ହୋଇଥିଲା ଏବଂ ଅଧିକରୁ ଅଧିକ ଲୋକ ଆଧ୍ୟାତ୍ମିକ ଶାନ୍ତି ଓ ମାର୍ଗଦର୍ଶନ ପାଇଁ ତାଙ୍କ ପାଖକୁ ଆସିବାକୁ ଲାଗିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ସଠିକ୍ ସମୟରେ ଧନର ସତ୍ ଉପଯୋଗ କରିନେବା ଉଚିତ: ନଚେତ ପଛରେ ପସ୍ତେଇବାକୁ ପଡ଼ିବ।

ସମସ୍ତେ ଊଣା ଅଧିକେ ଧନ ଅର୍ଜନ୍ତି। ଧନ ଅର୍ଜିବା ବଡ଼ କଥା ନୁହେଁ, ବଡ଼କଥା ହେଉଛି ସଠିକ୍ ସମୟରେ ଧନର ସଦୁପଯୋଗ କରାଯିବା। ସତ୍ ଉପଯୋଗ କରାନଗଲେ ଧନ ବ୍ୟର୍ଥ ହୁଏ, ପୁଣି ପରେ ଏଥିପାଇଁ ପସ୍ତେଇବାକୁ ପଡ଼େ। ଯେଉଁମାନେ ଧନ ସଞ୍ଚିକରି ରଖନ୍ତି ଓ ଆବଶ୍ୟକ ପଡ଼ିଲେ ମଧ ଖର୍ଚ୍ଚ କରନ୍ତି ନାହିଁ, ସେମାନଙ୍କ ଜୀବନରେ ନାନା ଦୁଶ୍ଚିନ୍ତା ଦେଖାଦିଏ। ଏ ସମ୍ପର୍କରେ ଏକ ସୁନ୍ଦର ଲୋକକଥା ପ୍ରଚଳିତ ଅଛି। ପ୍ରଚଳିତ ଲୋକକଥା ଅନୁସାରେ, ଗୋଟିଏ ଗାଁରେ ଜଣେ କଞ୍ଜୁସ୍ ଲୋକ ଥିଲା। ଦିନେ ସେ କ୍ଷେତରୁ କାମ ସାରି ଫେରିବାବେଳେ ରାସ୍ତାରେ ପୁଟୁଳିଟିଏ ପଡ଼ିଥିବାର ଦେଖିଲା। ତାହାକୁ ଖୋଲି ଦେଖେ ତ, ସେଥିରେ ଭର୍ତ୍ତି ହୋଇ ରହିଥିଲା ଅନେକ ସ୍ୱର୍ଣ୍ଣମୁଦ୍ରା। ଏତେଗୁଡ଼ିଏ ସୁନାମୁଦ୍ରା ଦେଖି ତା'ର ଆନନ୍ଦର ସୀମା ରହିଲା ନାହିଁ। ମାତ୍ର ସେ ଭାବିଲା, ଏହାକୁ ଯଦି ଘରକୁ ନେଇଯିବି, ତେବେ ଦିନ କେତେଟା ଭିତରେ ସ୍ତ୍ରୀ ସବୁ ଖର୍ଚ୍ଚ କରିଦେବ। ଫଳରେ ଘରେ ଯେଉଁ ଅଭାବକୁ ସେଇ ଅଭାବ ଲାଗି ରହିବ। ସେ ଉପାୟଟିଏ ପାଞ୍ଚିଲା। ନିକଟରେ ଥିବା ଏକ ଗଛମୂଳକୁ ଗଲା ଓ ଗୋଟିଏ ବଡ଼ ଗାତ ଖୋଳି ପୁଟୁଳିଟିକୁ ତା' ଭିତରେ ଲୁଚାଇ ରଖିଲା। ଘରକୁ ଫେରି ଏ ବାବଦରେ ସ୍ତ୍ରୀକୁ କିଛି କହିଲା ନାହିଁ। ପ୍ରତ୍ୟେକ ଦିନ ସେ କ୍ଷେତକୁ ଯିବାବେଳେ ସେଇ ଗଛମୂଳକୁ ଯାଇ ମାଟି, ପଥର ହଟାଇ ପୁଟୁଳିଟିକୁ ଖୋଲିଦେଖେ। ପୁଣି ମାଟି ଘୋଡ଼ାଇ ଚାଲିଯାଏ। ସନ୍ଧ୍ୟାବେଳକୁ ଫେରିବାବେଳକୁ ମଧ ସେଭଳି କରେ। ସେସବୁ ସ୍ୱର୍ଣ୍ଣମୁଦ୍ରାକୁ ବିକିଭାଙ୍ଗି ଆବଶ୍ୟକ ଖର୍ଚ୍ଚ କରିବା କିମ୍ବା ଭଲରେ ଚଳିବା କଥା ତା' ମନକୁ କେବେ ଆସିନଥିଲା। ପ୍ରତ୍ୟେକ ଦିନ ସେସବୁକୁ ଦେଖି ଦେଖି ହିଁ ସେ ଆନନ୍ଦ ପାଉଥିଲା। ଦିନକର କଥା। ଜଣେ ଚୋର ତା'ର ପିଛା କଲା। ଚୋର ଜାଣିବାକୁ ଚାହୁଁଥିଲା, ଲୋକଟି ପ୍ରତିଦିନ ଆମ୍ବଗଛ ମୂଳକୁ ଯାଇ କରୁଛି କ'ଣ? ଘଟଣା କ'ଣ ଜାଣିଗଲା ଚୋର। କୃପଣ ଲୋକଟି ସ୍ୱର୍ଣ୍ଣମୁଦ୍ରା ଦେଖିସାରି କ୍ଷେତକୁ ଚାଲିଯିବା ପରେ ଚୋର ସେହି ପୁଟୁଳିଟି ନେଇ ଚାଲିଗଲା। ସନ୍ଧ୍ୟାରେ କୃପଣ ଲୋକଟି ଆମ୍ବଗଛମୂଳକୁ ଯାଇ ନିରାଶ ହେଲା। ସେ ଜାଣିଲା, କେହି ଜଣେ ସ୍ୱର୍ଣ୍ଣମୁଦ୍ରା ପୁଟୁଳିଟି ଚୋରିକରି ନେଇଛି। ସେ ମନଦୁଃଖରେ ଘରକୁ ଫେରିଲା ଓ ସମସ୍ତ ବୃତ୍ତାନ୍ତ ସ୍ତ୍ରୀ ଆଗରେ କହିଲା। ସ୍ତ୍ରୀ ରାଗିଯାଇ କହିଲା - ତମେ ଚାହିଁଥିଲେ ସେସବୁ ବିକ୍ରି କରି ଆମ ଘରର ଅସୁବିଧା ଦୂର କରିପାରିଥାନ୍ତ। ମାତ୍ର ତୁମର କଞ୍ଜୁସି ଗୁଣ ଯୋଗୁଁ ଦାରିଦ୍ର୍ୟ ଦୂର ହେବାର ସୁଯୋଗ ହାତଛଡ଼ା ହେଲା। ଏମିତିରେ ବି ସେ ସୁନାମୁଦ୍ରା ତମର କି କାମରେ ଆସୁଥିଲା? ସେସବୁ ତ ମାଟିତଳେ ପୋତି ହୋଇ ରହିଥିଲା। ଏବେ କାନ୍ଦିକରି ଲାଭ କ'ଣ?



**ଭାରତର ବିଭିନ୍ନ ପ୍ରାନ୍ତରରୁ ସାଧୁ, ସନ୍ଥ, ସନ୍ନ୍ୟାସୀ ବିଶେଷ କରି ମୁଖ୍ୟ ଆକର୍ଷଣ ନାଗା ସାଧୁମାନଙ୍କର ଏହି ପବିତ୍ର କ୍ଷେତ୍ରକୁ ଶୁଭାଗମନ ହୋଇଥାଏ। ସାଧୁ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ମହାମିଳନ ଖଣ୍ଡଗିରି କୁମ୍ଭମେଳା। ସନ୍ଥ ଅରକ୍ଷିତ ଦାସ, ମହିମା ସ୍ୱାମୀ ଓ ଜଗଦଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ପ୍ରଭୃତିଙ୍କର ଏହା ତପଭୂମି ଥିଲା। ପୂର୍ବେ ଖଣ୍ଡଗିରି-ଉଦୟଗିରି ଯଥାକ୍ରମେ କୁମାର ଓ କୁମାରୀ ପର୍ବତ ନାମରେ ଖ୍ୟାତ ଥିଲା। ପ୍ରାଚୀନ ଧର୍ମ ଗ୍ରନ୍ଥ ଓ ସାହିତ୍ୟରେ ଏହି ପାହାଡ଼ର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ସଂପର୍କରେ ଅତି ଚିତ୍ତାକର୍ଷକ ଶୈଳୀରେ ଉପସ୍ଥାପନା କରାଯାଇଅଛି।**

**ଅଧ୍ୟାପକ ପବିତ୍ର ମୋହନ ବାରିକ**

ଗୁମ୍ଫା ସଂସ୍କୃତିର ଐତିହ୍ୟ

# ଖଣ୍ଡଗିରି ଉଦୟଗିରି



ଚକ୍ରତୀର୍ଥ, ଏକାମ୍ର କ୍ଷେତ୍ର, ମନ୍ଦିରମାଳିନୀ ରାଜ୍ୟ ରାଜଧାନୀ ଐତିହ୍ୟ ନଗରୀ ଭୁବନ ମୋହିନୀ ଭୁବନେଶ୍ୱରର ପଶ୍ଚିମ ଦିଗରେ ଖଣ୍ଡଗିରି ଉଦୟଗିରି ଯୁଗ୍ମ ପାହାଡ଼ ସଗର୍ବେ ଦଣ୍ଡାୟମାନ। ଇତିହାସ, ଐତିହ୍ୟ ଓ ସଂସ୍କୃତିର ନିରବଦ୍ରଷ୍ଟା ଖଣ୍ଡଗିରି-ଉଦୟଗିରି। ଏହାର ଚତୁପାର୍ଶ୍ୱରେ ଅନେକ ମଠ, ମନ୍ଦିର, ଆଶ୍ରମ, ଧର୍ମାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ଯାହା ଯଥାର୍ଥରେ ଏହାର ଧର୍ମ ବିହାର ନାମକୁ ସାର୍ଥକ ପ୍ରତିପାଦନ କରୁଅଛି। ମାଘ ଶୁକ୍ଳ ସପ୍ତମୀ ତିଥିରୁ ଅଗ୍ନିସୋବ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏଠାରେ କୁମ୍ଭ ମେଳା ଆୟୋଜିତ ହୁଏ ଯାହା ଖଣ୍ଡଗିରି ମେଳା ନାମରେ ପରିଚିତ। ଏହି ମେଳାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଭାରତର ବିଭିନ୍ନ ପ୍ରାନ୍ତରରୁ ସାଧୁ, ସନ୍ଥ, ସନ୍ନ୍ୟାସୀ ବିଶେଷ କରି ମୁଖ୍ୟ ଆକର୍ଷଣ ନାଗା ସାଧୁମାନଙ୍କର ଏହି ପବିତ୍ର କ୍ଷେତ୍ରକୁ ଶୁଭାଗମନ ହୋଇଥାଏ। ସାଧୁ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ମହାମିଳନ ଖଣ୍ଡଗିରି କୁମ୍ଭମେଳା। ସନ୍ଥ ଅରକ୍ଷିତ ଦାସ, ମହିମା ସ୍ୱାମୀ ଓ ଜଗଦଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ପ୍ରଭୃତିଙ୍କର ଏହା ତପଭୂମି ଥିଲା। ପୂର୍ବେ ଖଣ୍ଡଗିରି-ଉଦୟଗିରି ଯଥାକ୍ରମେ କୁମାର ଓ କୁମାରୀ ପର୍ବତ ନାମରେ ଖ୍ୟାତ ଥିଲା। ପ୍ରାଚୀନ ଧର୍ମ ଗ୍ରନ୍ଥ ଓ ସାହିତ୍ୟରେ ଏହି ପାହାଡ଼ର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ସଂପର୍କରେ ଅତି ଚିତ୍ତାକର୍ଷକ ଶୈଳୀରେ ଉପସ୍ଥାପନା କରାଯାଇଅଛି। ମେଳା ଅବସରରେ ଏଠାରେ ରାମଚରିତମାନସ, ପାଠ କରିଯିବା ସହିତ ବିଶ୍ୱଶାନ୍ତି ନାମ ଯଜ୍ଞ ଆୟୋଜିତ ହୋଇଥାଏ। ନିକଟସ୍ଥ ଜାଗମରା ଗ୍ରାମର ଅନନ୍ତ କେଶରୀ ଦେବ ମାଘ ସପ୍ତମୀ ରାତ୍ରରେ ମହାସମାରୋହରେ ଉଦୟଗିରିସ୍ଥ ରାଣୀହଂସପୁର ଗୁମ୍ଫାକୁ ବିଜେ କରନ୍ତି। ଏଠାରେ ଥିବା ଲଳିତା କୁଣ୍ଡରେ ଚାପ ଖେଳି ସାରିବା ପରେ ପୁନର୍ବାର ରାତ୍ରରେ ଜାଗମରା ଗ୍ରାମକୁ ଅନନ୍ତ କେଶରୀ ଦେବ ପ୍ରତ୍ୟାବର୍ତ୍ତନ କରନ୍ତି। ଖଣ୍ଡଗିରି-ଉଦୟଗିରିର ଅନ୍ୟତମ ପ୍ରମୁଖ ଆକର୍ଷଣ ଗୁମ୍ଫା ସଂସ୍କୃତି। ଭାରତ ବର୍ଷର ବିଭିନ୍ନ ପାହାଡ଼ମାନଙ୍କରେ ଥିବା ଗୁମ୍ଫାମାନଙ୍କଠାରୁ ଖଣ୍ଡଗିରି-ଉଦୟଗିରି ଗୁମ୍ଫା ସଂସ୍କୃତିର ନିଆରା ବୈଶିଷ୍ଟ୍ୟ ରହିଛି। ପ୍ରାକୃତିକ ବିପର୍ଯ୍ୟୟ, ମନୁଷ୍ୟାକୃତ ଅନେକ କ୍ଷୟକ୍ଷତିର ଶିକାର ହୋଇଛି ଉଭୟ ପାହାଡ଼ରେ ଥିବା ଗୁମ୍ଫା ସମୁହ। ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ମଧ୍ୟରେ ଥିବା ଗୁମ୍ଫାମାନଙ୍କର ସଂଖ୍ୟାକୁ ନେଇ ଗବେଷକମାନଙ୍କ ମଧ୍ୟରେ ମତଭେଦ ରହିଛି। ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଗୁମ୍ଫାମାନଙ୍କର ନାମକରଣ କରାଯାଇଥିବା କୁହାଯାଏ। ଇତିହାସ କୁହେ ଖ୍ରୀ.ପୂ ପ୍ରଥମ ଶତାବ୍ଦୀରେ କଳିଙ୍ଗ ଚେଦି ବଂଶର ତୃତୀୟ ଶାସକ ସାମ୍ରାଜ୍ୟବାଦୀ ସମ୍ରାଟ ଖାରବେଳ ଖଣ୍ଡଗିରି-ଉଦୟଗିରିଠାରେ ଅନେକ ଗୁମ୍ଫା ଖନନ କରିଥିଲେ। ଖାରବେଳ ଥିଲେ ଜୈନ ଧର୍ମର ଜଣେ ସତୀର୍ଥ ପୃଷ୍ଠ ପୋଷକ। ଜୈନ ଧର୍ମାବଲମ୍ବୀ ସିଦ୍ଧ, ଶ୍ରମଣ, ଆର୍ହତମାନଙ୍କର ଚତୁଃମାସ୍ୟାରେ ଅବସ୍ଥାନ ନିମନ୍ତେ ଗୁମ୍ଫା ଗୁଡ଼ିକ ଖନନ କରାଯାଇଥିଲା। ଏହି ଗୁମ୍ଫାଗୁଡ଼ିକ ଓଡ଼ିଆ ଜାତିର ସାଂସ୍କୃତିକ ବିଭବ। କେତେକ ଗବେଷକଙ୍କ ମତରେ ଖଣ୍ଡଗିରିରେ ରହିଛି ୧୫ଟି ଗୁମ୍ଫା ଓ ଉଦୟଗିରିରେ ଥିବା ଗୁମ୍ଫାମାନଙ୍କର ସଂଖ୍ୟା ୧୮ ଅଟେ। ଉଦୟଗିରିର ଗୁମ୍ଫାଗୁଡ଼ିକ ଯଥା- ରାଣୀ ଗୁମ୍ଫା, ବାଜଘର ଗୁମ୍ଫା, ଛୋଟ ହାତୀ ଗୁମ୍ଫା, ଅଳକାପୁରୀ ଗୁମ୍ଫା, ଜୟ ବିଜୟ ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀଗୁମ୍ଫା, ପାତାଳପୁରୀ ଗୁମ୍ଫା, ମଞ୍ଚପୁରୀ ଓ ସ୍ୱର୍ଗପୁରୀ ଗୁମ୍ଫା, ଗଣେଶ ଗୁମ୍ଫା, ଯମେଶ୍ୱର ଗୁମ୍ଫା, ବ୍ୟାଘ୍ର ଗୁମ୍ଫା, ସର୍ପଗୁମ୍ଫା, ହାତୀଗୁମ୍ଫା, ଧନଘର ଗୁମ୍ଫା, ହରିଦାସ ଗୁମ୍ଫା, ଜଗନ୍ନାଥ ଗୁମ୍ଫା, ରୋଷେଇ ଗୁମ୍ଫା। ଉଦୟଗିରିସ୍ଥ ୧୮ଟି ଗୁମ୍ଫା ମଧ୍ୟରୁ ଦୁଇଟି ଗୁମ୍ଫା ରାଣୀହଂସପୁର ଓ ହାତୀ ଗୁମ୍ଫା ଅଧିକ ଚର୍ଚ୍ଚାରେ ରହିଥାଏ। ରାଣୀହଂସପୁର ଗୁମ୍ଫା ଦ୍ୱିତଳ ବିଶିଷ୍ଟ। ବିଭିନ୍ନ କଳା କୃତିର ଖୋଦନ ହୋଇଥିବାରୁ ଯଥେଷ୍ଟ ଆକର୍ଷଣୀୟ ଦେଖାଯାଏ। ଉଦୟଗିରିର ହାତୀ ଗୁମ୍ଫା ଓଡ଼ିଶା ଓ ଭାରତର ଗୌରବମୟ


ଇତିହାସରେ ଏକ କାଳଜୟୀ ଅଧ୍ୟାୟ ସଂଯୋଜିତ କରିଥିଲା। ହାତୀ ଗୁମ୍ଫାରେ ଅଛି ଖାରବେଳଙ୍କ ଦ୍ୱାରା ଖୋଦିତ ଶିଳା ଲେଖ। ଏହି ଶିଳାଲେଖ ପ୍ରାଚୀନ ଭାରତର ପ୍ରମୁଖ ଶିଳା ଲେଖ ମଧ୍ୟରୁ ଅନ୍ୟତମ। ଏହି ଶିଳାଲେଖରେ ଖାରବେଳଙ୍କର ରାଜତ୍ୱ ସଂପର୍କରେ ଉଲ୍ଲେଖ ଅଛି। ଓଡ଼ିଶା ସହିତ ଭାରତ ବର୍ଷର ସମ୍ୟକ ଐତିହାସିକ ଘଟଣାବଳୀ ହାତୀ ଗୁମ୍ଫାଶିଳା ଲେଖରେ ବର୍ଣ୍ଣିତ ଅଛି। ତତ୍‌କାଳୀନ ସମୟର ଓଡ଼ିଶାର ରାଜନୀତି, ଧର୍ମ, ଜନଜୀବନ, ସାମାଜିକ ବ୍ୟବସ୍ଥା ସମ୍ବନ୍ଧୀୟ ସୂଚନା ଓ ତଥ୍ୟ ମିଳିଥାଏ। ହାତୀ ଗୁମ୍ଫା ଅଭିଲେଖରେ ରହିଛି ୧୭ଟି ଧାଡ଼ି ଏହା ବ୍ରାହ୍ମିଲିପି ଓ ପ୍ରାକୃତ ଭାଷାରେ ଖୋଦିତ। ଏହି ଶିଳା ଲେଖକୁ ଆବିଷ୍କାର କରିଥିଲେ ସୁପ୍ରସିଦ୍ଧ ଇଂରେଜ ଐତିହାସିକ ଏଣ୍ଡ୍ରୁଷ୍ଟାଲିଙ୍ଗ। ସେ ୧୯୨୫ ମସିହାରେ 'ଏସିଆଟିକ ରିସର୍ଚ୍ଚସ୍' ପତ୍ରିକାରେ ପଞ୍ଚ ଦଶ ଖଣ୍ଡରେ ପ୍ରଥମଥର ପାଇଁ ଏହି ଶିଳାଲେଖ ବିଷୟରେ ଉଲ୍ଲେଖ କରିଥିଲେ। ହାତୀ ଗୁମ୍ଫା ଶିଳାଲେଖର ପାଠୋଦ୍ଧାର ନିମନ୍ତେ ଏହାପରେ କହୁ ଐତିହାସିକ, ଗବେଷକ, ଲିପିତତ୍ତ୍ୱବିଦ୍ ଓ ବିଦ୍ୱାନମାନେ ଆଗେଇ ଆସିଲେ। ଜେମେସ୍ ପ୍ରିନ୍‌ସେସ ନିଜର ସନ୍ଦର୍ଭ ପ୍ରକାଶ କରନ୍ତି ହାତୀଗୁମ୍ଫା ଶିଳାଲେଖ ସଂପର୍କରେ Journal of asiatic society (vi), ୧୮୩୭ ମସିହାରେ। ୧୮୭୭ ମସିହାରେ ଆଲେକଜାଣ୍ଡର କାନଂହାମ ନିଜର ଗବେଷଣା ଧର୍ମୀ ସନ୍ଦର୍ଭ ପ୍ରକାଶ କରନ୍ତି ଉoupus inscriptionum indicarum ରେ। ୧୮୮୦ ମସିହାରେ ପ୍ରଖ୍ୟାତ ଐତିହାସିକ ରାଜେନ୍ଦ୍ର ଲାଲ୍ ମିତ୍ର ଏହି ଶିଳା ଲେଖ ଉପରେ ଗବେଷଣା ଧର୍ମୀ ତଥ୍ୟ ପ୍ରଦାନ କରନ୍ତି Antiquites of orissa (ii)ରେ। ଏହାପରେ ହାତୀଗୁମ୍ଫା ଶିଳାଲେଖ ଉପରେ ଗବେଷଣା କରିଥିଲେ ଡ. ଭଗବାନ ଲାଲ୍ ଇନ୍ଦ୍ରଜିତ୍, ଭାରତ ବର୍ଷର ବହୁଖ୍ୟାତ ନାମା ଐତିହାସିକମାନେ ଅଧିକତର ଗବେଷଣା ନିମନ୍ତେ ହାତୀଗୁମ୍ଫା ଶିଳା ଲେଖ ଉପରେ ଉଦ୍ୟମ ଆରମ୍ଭ କରିଥିଲେ। ସେମାନେ ଥିଲେ ରାଖାଲ ଦାଶ ବାନାର୍ଜୀ। କାଶୀ ପ୍ରସାଦ ଜୟସ୍ୱାଲ, ବେଣୀ ମାଧବ ବରୁଆ, ଦୀନେଶ ଚନ୍ଦ୍ର ସରକାର, Stenonow, ଓ ଦେବଳା ମିତ୍ର ପ୍ରଭୃତି।

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ତଥା ସୁନାମଧନ୍ୟ ଐତିହାସିକ ନବୀନ କୁମାର ସାହୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାମ ପ୍ରସାଦ ନନ୍ଦ ପ୍ରଭୃତି ହାତୀଗୁମ୍ଫା ଶିଳାଲେଖ ଉପରେ ଗବେଷଣା କରିଛନ୍ତି। ସିଗ୍ଧା ତ୍ରିପାଠୀ, କେଦାର ନାଥ ମହାପାତ୍ର, ପରମାନନ୍ଦ ଆଚାର୍ଯ୍ୟଙ୍କ ପରି ପ୍ରଜ୍ଞାଦିପ୍ତ ଐତିହାସିକ ହାତୀଗୁମ୍ଫା ଶିଳାଲେଖକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ୨୦୧୪ ମସିହା ମାର୍ଚ୍ଚ ମାସ ୧୧ ତାରିଖ ଦିନ ଓଡ଼ିଆ ଭାଷା ସାହିତ୍ୟ ଇତିହାସର ଏକ ଅବିସ୍ମରଣୀୟ ଦିବସ। ଏହି ଦିନ ଆମ ପ୍ରିୟ ମାତୃଭାଷା ଓଡ଼ିଆ ଭାରତ ବର୍ଷର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପଛରେ ଅନେକ ଐତିହାତିକ, ଗବେଷକ, ଭାଷାବିଦ୍, ପ୍ରତ୍ନତତ୍ତ୍ୱବିଦ୍, ଭାଷାବିଜ୍ଞାନୀ, ଲିପିତତ୍ତ୍ୱ ବିଶାରଦ ଓ ଭାଷା ସାହିତ୍ୟ ପ୍ରେମୀମାନଙ୍କର ଅକ୍ଳାନ୍ତ ଉଦ୍ୟମ ଓ ନିରବଚ୍ଛିନ୍ନ ପ୍ରୟାସ ଥିଲା ପ୍ରଣିଧାନ ଯୋଗ୍ୟ। ଓଡ଼ିଶାରେ ଥିବା ପ୍ରାଚୀନ ଶିଳାଲେଖ ଯଥା ସମ୍ରାଟ ଅଶୋକଙ୍କ ତ୍ରୟୋଦଶ ଶିଳାଲେଖ ଧଉଳି, ଜଉଗଡ଼, ଝାରସୁଗୁଡ଼ାର ବିକ୍ରମ ଖୋଲ, ନୂଆପଡ଼ାର ଯୋଗୀମଠ, ପରି ଉଦୟଗିରିର ହାତୀ ଗୁମ୍ଫା ଶିଳାଲେଖର ଯଥେଷ୍ଟ ଅବଦାନ ଥିଲା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ ଦିଗରେ। ଜଣେ ଦିଗ୍‌ବିଜୟୀ, ପ୍ରଜାବତ୍ସଳ, ଜୈନଧର୍ମର ପୃଷ୍ଠପୋଷକ, କଳା ଓ ସଂସ୍କୃତିର ପରମ ପୂଜାରୀ ସମ୍ରାଟ ଖାରବେଳଙ୍କର ସଂପର୍କରେ ବିଶଦ ବିବରଣୀ ଉଦୟଗିରି ହାତୀଗୁମ୍ଫା ଶିଳାଲେଖରେ ମିଳିଥାଏ। ଏହି ଅଭିଲେଖରେ ଖାରବେଳଙ୍କର ବାଲ୍ୟ କାଳରୁ ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ ତାଙ୍କ ଶାସନ ବିଷୟରେ ଉଲ୍ଲେଖ ଅଛି। ପ୍ରାଚୀନ ଭାରତର ବହୁ ରାଜା-ମହାରାଜା ଯଥା- ଚନ୍ଦ୍ର ଗୁପ୍ତ ମୌର୍ଯ୍ୟ, ଅଶୋକ, ସମୁଦ୍ରଗୁପ୍ତ, ଦ୍ୱିତୀୟ ଚନ୍ଦ୍ରଗୁପ୍ତ, ହର୍ଷବର୍ଦ୍ଧନ ପ୍ରଭୃତିଙ୍କର ଅନୁଶାସନ ହାତୀ ଗୁମ୍ଫା ଶିଳା ଲେଖାପରି କ୍ରମାନ୍ୱୟରେ ଶାସନ ବିବରଣୀ ଦେଖିବାକୁ ମିଳେ ନାହିଁ। ହାତୀଗୁମ୍ଫା, ଶିଳାଲେଖର ତୃତୀୟ ଧାଡ଼ିରେ ଖାରବେଳଙ୍କର ସିଂହାସନ ଆରୋହଣ, ରାଜଧାନୀ କଳିଙ୍ଗ ନଗର (ଶିଶୁପାଳଗଡ଼)ର ଶ୍ରୀ ବୃଦ୍ଧିରେ ମନନିବେଶ କରିଥିଲେ। ବତ୍ୟାବିଧ୍ୱସ୍ତ କଳିଙ୍ଗ ନଗରର ତୋରଣ, ପ୍ରାଚୀର, ଅଟ୍ଟାଳିକାମାନଙ୍କର ପୁନଃ ନିର୍ମାଣ କରିଥିଲେ। ହାତୀଗୁମ୍ଫା ଶିଳାଲେଖର ବର୍ଣ୍ଣନା ଅନୁଯାୟୀ ଖାରବେଳ ରାଜତ୍ୱର ଦ୍ୱିତୀୟ ବର୍ଷରେ ସାମରିକ ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ସାତକର୍ଣ୍ଣିଙ୍କୁ ପରାସ୍ତ କରି ତାଙ୍କ ଅଧିନରେ ଥିବା ବାଟିକା ନଗରିକୁ ଧ୍ୱଂସ କରିଥିଲେ। ସମ୍ରାଟ ଖାରବେଳ ରାଜତ୍ୱର ତୃତୀୟ













ବଂଶରେ

ପ୍ରଜାମାନଙ୍କର ମନୋରଞ୍ଜନ ନିମନ୍ତେ ନୃତ୍ୟ, ଗୀତ, ବାଦ୍ୟ ପ୍ରଭୃତିର ଆୟୋଜିତ କରିଥିବାର ହାତୀଗୁମ୍ଫା ଅନୁଶାସନରୁ ସୂଚନା ମିଳେ। ହାତୀ ଗୁମ୍ଫା ଶିଳାଲେଖରୁ ଜଣାଯାଏ ଖାରବେଳ ରାଜତ୍ୱର ଚତୁର୍ଥ ବର୍ଷରେ ବିଦ୍ୟାଧର ଅଞ୍ଚଳକୁ ଅଧିକାର କରିଥିଲେ। ନାସିକ ନିକଟବର୍ତ୍ତୀ ରଥିକ (ରାଷ୍ଟ୍ରିକ) ଓ ଭୋଜକଙ୍କ ରାଜ୍ୟକୁ ପରାସ୍ତ କରିଥିଲେ। ଖାରବେଳଙ୍କର ପଞ୍ଚମ ବର୍ଷ ଥିଲା ଜନହିତକର କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ନନ୍ଦ ରାଜାଙ୍କ ଦ୍ୱାରା ଖୋଦିତ କେନାଲକୁ ତନସୁଲା (ତୋଷାଳୀ) ବାଟ ଦେଇ କଳିଙ୍ଗ ନଗରକୁ ସଂପ୍ରସାରିତ କରିଥିଲେ। ହାତୀଗୁମ୍ଫାରେ ସୂଚିତ ଥିବା 'ତିବସ ସତ' ଅର୍ଥାତ୍ ତିନି ଶହ ବର୍ଷ ପୂର୍ବେ ନନ୍ଦରାଜାଙ୍କ ଦ୍ୱାରା କେନାଲ ଖନନ କରାଯାଇଥିଲା। ଯାହା ଦ୍ୱାରା ଖାରବେଳଙ୍କ ରାଜତ୍ୱ ସମୟ ନିରୁପଣରେ ଏହା ସହାୟକ ହୋଇଛି। ଖାରବେଳଙ୍କ ତିନି ଶହ ବର୍ଷ ପୂର୍ବେ କଳିଙ୍ଗରେ ଥିଲା ନନ୍ଦ ଶାସନ। ହାତୀଗୁମ୍ଫା ଶିଳରୁ ପ୍ରମାଣ ମିଳେ ଖାର ବେଳଙ୍କର ରାଜକୋଷ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା। ଅଭିଲେଖରେ ଉଲ୍ଲେଖ ଅଛି ଖାରବେଳ ରାଜତ୍ୱର ଷଷ୍ଠ ବର୍ଷରେ ପ୍ରଜାମାନଙ୍କୁ କର ମୁକ୍ତ କରିଥିଲେ। ରାଜତ୍ୱର ସପ୍ତମ ବର୍ଷରେ ଖାରବେଳଙ୍କର ଏକପୁତ୍ର ସନ୍ତାନ ତାଙ୍କର ପାଟରାଣୀ (ବଜିର ଘର ରାଣୀ ବା ବଜ୍ରଗଡ଼ ରାଣୀ) ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ କେତେକ ଐତିହାସିକଙ୍କ ମତରେ ଅନୁଶାସନର କିଛି ଅଂଶ ନଷ୍ଟ ହୋଇଯିବା ଦ୍ୱାରା ତାଙ୍କ ରାଜତ୍ୱର ସପ୍ତମ ବର୍ଷର କାର୍ଯ୍ୟାବଳୀ ଅସ୍ପଷ୍ଟ ହୋଇ ରହିଛି। ହାତୀ ଗୁମ୍ଫା ଶିଳାଲେଖ ଅନୁଯାୟୀ ଖାରବେଳ ରାଜତ୍ୱର ଅଷ୍ଟମ ବର୍ଷରେ ସାମରିକ ଅଭିଯାନ ଆରମ୍ଭ କରି ଗୋରଥଗିରି ଦୁର୍ଗ ଧ୍ୱଂସ କରିଥିଲେ। ରାଜତ୍ୱର ନବମ ବର୍ଷରେ ଖାରବେଳ ନିଜ ବିଜୟର ସ୍ମୃତି ରକ୍ଷା ନିମନ୍ତେ 'କଳିଙ୍ଗ ନଗରୀ' ଠାରେ 'ମହା ବିଜୟ ପ୍ରାସାଦ' ନାମକ ଏକ ବିଶାଳ ସୌଧ ନିର୍ମାଣ କରିଥିଲେ। ସେ ଏଥିରେ ୩୮ ଶହ ସହସ୍ର ମୁଦ୍ରା ବ୍ୟୟ ହୋଇଥିବାର ଜଣାପଡ଼େ। କାରୁକାର୍ଯ୍ୟ ବିମଣ୍ଡିତ ଏହି ପ୍ରାସାଦ ଥିଲା ଖାରବେଳଙ୍କର ପରାକ୍ରମ, ବୀରତ୍ୱ ଓ ସାମରିକ ଶକ୍ତିର ସ୍ମାରକୀ ଥିଲା





ଏହି ମହାବିଜୟ ପ୍ରାସାଦ। ଶିଶୁପାଳ ଗଡ଼ରେ ବର୍ତ୍ତମାନ ମଧ୍ୟ ଏହି ମହାବିଜୟ ପ୍ରାସାଦର ଭଗ୍ନାବଶେଷ ଅଦ୍ୟାବଧି ଦେଖିବାକୁ ମିଳେ। ହାତୀଗୁମ୍ଫା ଶିଳାଲେଖରେ ଖୋଦିତ ତଥ୍ୟ ଅନୁଯାୟୀ ଖାରବେଳ ରାଜତ୍ୱର ଦଶମ ବର୍ଷରେ ଆରମ୍ଭ କରିଥିଲେ ଦ୍ୱିତୀୟ ଉତ୍ତର ଭାରତ ଅଭିଯାନ। ମାତ୍ର ଏପରି ଏକ ମହିମା ମଣ୍ଡିତ କୃତିତ୍ୱ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଅନୁଶାସନରେ ଉଲ୍ଲେଖ କରାଯାଇ ନାହିଁ।

ପୁନଶ୍ଚ ରାଜତ୍ୱର ଏକାଦଶ ବର୍ଷରେ ଖାରବେଳ ସାମରିକ ଅଭିଯାନ ଆରମ୍ଭ କରିଥିଲେ ଦାକ୍ଷିଣାତ୍ୟ ଅଭିମୁଖେ। ଏହି ଅଭିଯାନରେ ପ୍ରଥମେ ସେ ପିଥୁଣ୍ଡ ନଗର ଅଧିକାର କରିଥିଲେ। ଏହା ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ। ଏହା ଥିଲା ଏକ ପ୍ରସିଦ୍ଧ ଜୈନ କ୍ଷେତ୍ର। ଗଧଯୋଚା ହଳରେ ଜୈନ ତୀର୍ଥଙ୍କର ଋଷଭନାଥଙ୍କର ଚିହ୍ନ ବଳଦ (ଷଣ୍ଢ) ହୋଇଥିବାରୁ ଖାରବେଳ ତାଙ୍କ ସମ୍ମାନାର୍ଥେ ହଳରେ ବଳଦ ବ୍ୟବହାର ନକରି ଗଧ ବ୍ୟବହାର କରିଥିଲେ ବୋଲି ଗବେଷକମାନେ ମତବ୍ୟକ୍ତ କରନ୍ତି। ଦାକ୍ଷିଣାତ୍ୟ ଅଭିଯାନରେ ଖାରବେଳଙ୍କର ସର୍ବାଧିକ ଗୁରୁତ୍ୱ ପୂର୍ଣ୍ଣ ଘଟଣା ଥିଲା ତାମିଲି ସଂଘର ପତନ। ଚୋଳ, ପାଣ୍ଡ୍ୟ, କେରଳପୁତ୍ର, ସତ୍ୟପୁତ୍ର ଓ ତାମ୍ରପର୍ଣ୍ଣ ଆଦି ରାଜ୍ୟକୁ ନେଇ ତାମିଲି ରାଷ୍ଟ୍ରସଂଘ ଗଠିତ ହୋଇଥିଲା। ଏହି ଅଭିଯାନରେ ଖାରବେଳ ତାମିଲି ସଂଘକୁ ପରାସ୍ତ କରିଥିଲେ। ତାମିଲି ରାଷ୍ଟ୍ର ସଂଘର ମୁଖ୍ୟ ପାଣ୍ଡ୍ୟରାଜା ତାଙ୍କୁ ବିପୁଳ ଧନରତ୍ନ ପ୍ରଦାନ କରିଥିଲେ। ୧୩୦୦ ବର୍ଷ ପୂର୍ବରୁ ଗଢ଼ି ଉଠିଥିବା ତାମିଲି ରାଷ୍ଟ୍ର ସଂଘର ପରାଜୟ ଆଣିବା ଖାରବେଳଙ୍କର ଏକ ଶ୍ରେଷ୍ଠ ସାମରିକ କୃତିତ୍ୱ। ହାତୀ ଗୁମ୍ଫା ଶିଳାଲେଖର ବର୍ଣ୍ଣନା ଅନୁଯାୟୀ ଖାରବେଳଙ୍କର ଦ୍ୱାଦଶ ବର୍ଷର ଶାସନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତୃତୀୟ ଥର ପାଇଁ ଉତ୍ତର ଭାରତ ଅଭିମୁଖେ ତାଙ୍କର ସାମରିକ ଅଭିଯାନ ଆରମ୍ଭ କରିଥିଲେ। ମଗଧର ତତ୍‌କାଳୀନ ରାଜା ବୃହସ୍ପତିମିତ୍ର ଖାରବେଳଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲେ। ମହାପଦ୍ମନନ୍ଦଙ୍କ ଦ୍ୱାରା ଅପହୃତ ହୋଇଥିବା କଳିଙ୍ଗ ଜୈନମୂର୍ତ୍ତୀଙ୍କୁ ଖାରବେଳ ମଗଧରୁ ଫେରାଇ ଆଣିଥିଲେ। ଖାରବେଳ ଏହି ବର୍ଷ ପ୍ରାସାଦର ଆଭ୍ୟନ୍ତର, ଖାରବେଳ ରାଜତ୍ୱର ତ୍ରୟୋଦଶ ବର୍ଷରେ ଧର୍ମଭିତ୍ତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଜୈନ ଧର୍ମର ଶ୍ରମତା, ଯତି, ଋଷି, ଆର୍ହତ, ସନ୍ନ୍ୟାସୀମାନଙ୍କ ନିମନ୍ତେ କୁମାରୀ ପର୍ବତରେ ଗୁମ୍ଫାମାନ ନିର୍ମାଣ କରିଥିଲେ। ହାତୀଗୁମ୍ଫା, ଶିଳାଲେଖ ଖାରବେଳଙ୍କର ଶାସନ, ରାଜ୍ୟଜୟ, ଧର୍ମ ଓ ଜନହିତ କାର୍ଯ୍ୟ ସମ୍ବନ୍ଧରେ ଉଲ୍ଲେଖନୀୟ ତଥ୍ୟ ପ୍ରଦାନ କରେ। ଏହି ଶିଳାଲେଖ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ନିଦର୍ଶନ।

**ଇତିହାସ ବିଭାଗ**
**ସନାତନ ହରିଚନ୍ଦନ ମହାବିଦ୍ୟାଳୟ**
**ମଦନପୁର, ଖୋର୍ଦ୍ଧା-୭୫୨୦୫୪**
**ମୋ- ୮୮୯୫୧୯୦୪୭୫**

**ମନକୁ ଆସିଲା ଯାହା ୫୮**

# ବିଦ୍ୟା ନା ବିଜ୍ଞାପନ..!!



**ସୌମ୍ୟଶ୍ରୀ ପାଣିଗ୍ରାହୀ**

‘ଛି...ଛି...ଏଗୁଡା ଏତେ ତଳକୁ ଖସିଯାଇପାରିଲେ। ନିଜେ ତ’ ଛୁଞ୍ଚିଗୋଟେ ବି ବନେଇ ପାରିବେନି। ଆଉ କାହାଠୁଁ କଣ କିଣିଆଣି ନିଜର ଷ୍ଟିକର ମାରି ବାହାବା ନେବାକୁ ଧାଇଁ ଆସିବେ ଖାଲି..’ ଏତିକି କହି ମଉସା ଜଣକ ଗୁମ ମାରି ବସିଗଲେ କିଛି ସମୟ। ଆଖପାଖ ସିଟ୍‌ରେ ବସିଥିବା ଲୋକମାନେ ବି କଥାର ଖିଅ ଯୋଡିଲେ। ଏମିତି ଆଲୋଚନା ବଢି ବଢି ଚାଲିଲା। ସେଦିନର ଖବର କାଗଜଟା ସେତେବେଳକୁ ହାତରୁ ହାତ ବୁଲି ବୁଲି ଦରମଲା ଅବସ୍ଥାରେ ପହଞ୍ଚିସାରିଥାଏ, ସତେ ଯେମିତି ଜୀବନ ନାହିଁ। ମାତ୍ର ଆଲୋଚନା ସରୁ ନଥାଏ। ସେତେବେଳକୁ ଟ୍ରେନ ପୁରୀ ପାଖ ହୋଇ ଆସୁଥାଏ, ବାଧ୍ୟ ହୋଇ ମୁଁ ଖବରକାଗଜ ମାଗିବସିଲି। ଏଥର ଆଉଜଣେ ଭଦ୍ରଲୋକ ମୋତେ ୨-୪ ପଦ ଶୁଣେଇ ଦେଲେ। ସତେ ଯେମିତି ମୁଁ ମାଗିଦେଇ ଏକ ଅକ୍ଷମଣୀୟ ଅପରାଧ କରିଛି।

ଆଉ ଯାହା କୁହନ୍ତୁ, ଲୋକାଲ ଟ୍ରେନରେ ବିଶେଷ କରି ସକାଳ ଓ ସଞ୍ଜ ଟାଇମରେ ଏୟା ହିଁ ହୁଏ। ମୁଁ ଅନେକ ଦିନପରେ ତାଳଚେର-ପୁରୀ ପାସେଞ୍ଜର ଟ୍ରେନରେ ଯାଉଥିଲି। ସକାଳେ ଅଫିସ ଯାଉଥିବା ବାବୁମାନଙ୍କର ଭିଡକୁ ତାଳ ଦିଏ ସେଦିନର ଖବରକାଗଜର ମୁଖ୍ୟ ଖବର ଗୁଡିକ। ତତ୍‌ଜନିତ ଆଲୋଚନା ଯେତିକି ଆମୋଦପ୍ରଦ ସେତିକି ଜ୍ଞାନବର୍ଦ୍ଧକ ଏବଂ ହାସ୍ୟ ରସାତ୍ମକ ସିନେମାଠାରୁ କୌଣସି ଗୁଣରେ କମ୍ ନୁହେଁ। ସେମିତି ସଞ୍ଜକୁ ଫେରିଲା ବେଳେ ଅଫିସରେ ଘଟିଥିବା ସେଦିନର ଘଟଣାବଳୀର ଆଲୋଚନା ସାଙ୍ଗକୁ ଟା କି ପକୁଡି/ବରାର ଆସର ବି ବସିଯାଏ। କେଉଁଟା ଜାଗାରେ ତ ସମୟ ସୁବିଧା ଦେଖି ଠିଆ ଠିଆ ତାସ କେଇବାଜି ବି ସରିଯାଏ। ଏଇମିତି ହେଇ ବାଟ ସରିଯାଏ, ଜଣା ବି ପଡେନି। ଆଜି ସକାଳର ଆଲୋଚନା ବି ସେଇମିତି କିଛି ଥିଲା। ମୁଁ ସେଯାବତ ଖବରକାଗଜଟି ପଢି ନଥିଲି କିଣିଥିଲି ସିନା, ହେଲେ ଅନ୍ୟମାନେ ମାଗିନେଇ ପଢିସାରି ମୋତେ ଫେରେଇଲା ବେଳକୁ ମୋ ଓହ୍ଲେଇବାର ସମୟ ବି ହେଇସାରିଥାଏ। ଅଗତ୍ୟା ମୁଁ ପରେ ପଢିବି ଭାବି ଖବରକାଗଜ ଖଣ୍ଡକୁ ମୋଡ଼ିମାଡ଼ି ବ୍ୟାଗରେ ପୁରେଇଦେଲି।

ପରେ ମୁଁ ଯେବେ ଖବରକାଗଜ ପଢି ବସିଲି, ସେଇ ଖବର ପାଖରେ ଅଟକିଗଲି। ଦିଲ୍ଲୀରେ ଚାଲିଛି କୃତ୍ରିମ ବୁଦ୍ଧିମତା ସମ୍ମିଳନୀ। ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ମାନେ ପହଞ୍ଚିଛନ୍ତି, ୩୭ଟି ଦେଶର ୩୨୬ଟି ମଡେଲ ପ୍ରଦର୍ଶିତ ହୋଇଛି। ୪୧ଟି ବୃହତ ଟେକ୍ନୋଲୋଜି କମ୍ପାନୀର ପରିଚାଳକ ଯୋଗ ଦେଇଛନ୍ତି। ୬୪୧ଟି ଭାରତୀୟ ମଡେଲକୁ ଦେଖିବାକୁ ୨.୫ ଲକ୍ଷରୁ ଅଧିକ ଲୋକଙ୍କ ପାଦ ପଡିଛି, ଭାରତ ମଣ୍ଡପମରେ। ପୁଣି ସନ୍ଧ୍ୟାରେ ଅନେକ ଶାସ୍ତ୍ରୀୟ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ସ୍ଥାନ ପାଇଛି ଓଡିଶୀ ନୃତ୍ୟ। ନିଜେ ପ୍ରଧାନମନ୍ତ୍ରୀ, ଅନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କୁ ବୁଲି ଦେଖାଉଛନ୍ତି ପ୍ରଦର୍ଶନୀ। ମୋଟାମୋଟି ଯେ ପାଳଟିଛି କୃତ୍ରିମ ବୁଦ୍ଧିମତାର ମହାକୁମ୍ଭ। ହେଲେ ଏ ସବୁ କଥାକୁ ନେଇ ଗର୍ବ ନକରି ଅନ୍ୟ ଏକ ବିଷୟକୁ ନେଇ ଚାଲିଛି ତୁମ୍ବିତୋଫାନ।

ଦିଲ୍ଲୀ ନିକଟବର୍ତ୍ତୀ ଗ୍ରେଟର ନୋଇଡାର ଘରୋଇ ବିଶ୍ୱବିଦ୍ୟାଳୟ ‘ଗାଲଗୋଟିଆ ୟୁନିଭର୍ସିଟି’ର ପ୍ରଜ୍ଞାପନ ଦୀର୍ଘାରେ ପ୍ରଦର୍ଶିତ ଏକ ମଡେଲକୁ ନେଇ ଏତେସବୁ ଗଣ୍ଡଗୋଳ। ୩୫୦ କୋଟି ଖର୍ଚ୍ଚକରି ନିଜ କ୍ୟାମ୍ପସରେ କୃତ୍ରିମ ବୁଦ୍ଧିମତା ପାଇଁ ସ୍ୱତନ୍ତ୍ର ଅତ୍ୟାଧୁନିକ ବ୍ୟବସ୍ଥା କରିଥିବା ଏଇ ବିଶ୍ୱବିଦ୍ୟାଳୟ ଏକ ଚାଇନା ନିର୍ମିତ ରୋବୋଟିକ କୁକୁରକୁ ପ୍ରଦର୍ଶନ କରିଥିଲା, ଯାହାକୁ ନିଜ ଛାତ୍ରମାନଙ୍କ ଦ୍ୱାରା ନିର୍ମିତ ଅତ୍ୟାଧୁନିକ କାରିଗରୀ କୌଶଳ ବୋଲି ଦାବୀ କରିଥିଲେ ଅନୁଷ୍ଠାନର ଜଣେକ ଅଧ୍ୟାପିକା। ଏଇ ଯନ୍ତ୍ର କୁକୁରଟିକୁ କିନ୍ତୁ ମାତ୍ର ୨ ଲକ୍ଷଟଙ୍କାରେ କିଣିବା ପାଇଁ ବଜାରରେ ଉପଲବ୍ଧ। ଗତବର୍ଷ ଆଇପିଏଲ ସମୟରେ ପଡିଆ ଭିତରକୁ ‘ବେନବେନ’ ନାମକ ଏହି କୁକୁରକୁ ପୁଣି ଦେଖିବାକୁ ମିଳିଥିଲା ଓଡିଶାର ଏକ ଯାତ୍ରା ଅନୁଷ୍ଠାନର ରଙ୍ଗ ମଞ୍ଚରେ। ସେଇଟିକୁ ୟୁନିଟ୍ରି ନାମକ କମ୍ପାନୀରୁ କିଣିଆଣି ଏହି ସମ୍ମିଳନୀରେ ‘ଓରିଅନ’ ନାମଦେଇ ସ୍ୱଦେଶୀ ଛାତ୍ରନିର୍ମିତ ଓ ମେକ ଇନ୍ ଇଣ୍ଡିଆର ପ୍ରଚାର କରୁଥିବା ଅଭିଯୋଗରେ ନିନ୍ଦିତ ହେଲା ସେଇ ବିଶ୍ୱବିଦ୍ୟାଳୟ। ସେତେବେଳକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ବି ଏହାକୁ ସ୍ୱଦେଶୀ ବିଜ୍ଞାନର ଚମତ୍କାର ବୋଲି ଅଭିହିତ କରି ଟ୍ୱିଟ୍ କରିସାରିଥିଲେ। ଏତେ ନିନ୍ଦା, ଅପବାଦ ଓ ସାମାଜିକ ଗଣମାଧ୍ୟମରେ ଟ୍ରୋଲ ହେବାପରେ ସେ ସବୁ ଟ୍ୱିଟ୍‌କୁ ହଟେଇବାକୁ ପଡିଲା।

ଖାଲି ଏଇ ରୋବୋଟିକ କୁକୁର ନୁହେଁ। ଅନ୍ୟ ଏକ ଥର୍ମୋକଲ ନିର୍ମିତ ଡ୍ରୋନ ଓ ସକର ଡ୍ରୋନ (ଫୁଟବଲ ପରି ଦିଶୁଥିବା ଡ୍ରୋନ) ପାଇଁ ବି ଅପମାନିତ ହେଲେ ଆୟୋଜକମାନେ। ସ୍କୁଲରେ ପଢୁଥିବା ୫ମ ଶ୍ରେଣୀର ଛୁଆବି ଯା ଠାରୁ ଭଲ ମଡେଲ ବନେଇ ପାରିବ ବୋଲି କେତେଜଣ କହିଲେ। ସେଇ ସମ୍ମିଳନୀରେ ଅନ୍ୟ କେଇଟା ବେସରକାରୀ ବିଶ୍ୱବିଦ୍ୟାଳୟ ବି ଭାଗ ନେଇଛନ୍ତି। ସେମାନଙ୍କର ବି କିଛି କିଛି ମଡେଲକୁ ନେଇ ବିବାଦ ଦେଖାଦେଇଛି। ମାତ୍ର ଗାଲଗୋଟିଆ ବିଶ୍ୱବିଦ୍ୟାଳୟର ଏହି ରୋବୋଟିକ କୁକୁରଟି ସିଧାସଳଖ ଚୀନର ୟୁନିଟ୍ରୀ କମ୍ପାନୀ ଦ୍ୱାରା ତିଆରି ହୋଇ ବିକ୍ରି ହୋଇଥିବା ଜଣା ପଡିବା ପରେ ଲୋକଲଜ୍ଜାର କାରଣ ପାଲଟିଛି।

ଏତେ ସବୁ ବିବାଦପରେ ଗାଲଗୋଟିଆ ବିଶ୍ୱବିଦ୍ୟାଳୟକୁ ସମ୍ମିଳନୀ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଣି ବିଶ୍ୱବିଦ୍ୟାଳୟ ପକ୍ଷରୁ ସଫେଇ ଦିଆଯାଇଛି ଯେ, ସେମାନେ ଏହି ଯନ୍ତ୍ର କୁକୁରଟି ନିଜେ ବନେଇଥିବାର ଦାବୀ କେବେ ବି କରିନାହାନ୍ତି। ଏହା ଦୁଇମାସ ପୂର୍ବରୁ ଚାଇନାକୁ କିଣାଯାଇଥିଲା। ସେଇ ଅଧ୍ୟାପିକା ନେହା ଶର୍ମା ନିଜର ଫୁଟାଣି ଦେଖାଇ କିଛି ନଜାଣି ବିଶ୍ୱବିଦ୍ୟାଳୟ ବିଷୟରେ ଅନଧିକୃତ ଭାବେ କ୍ୟାମେରା ସାମ୍ନାରେ ବୟାନ ଦେଇ ବିଶ୍ୱବିଦ୍ୟାଳୟର ଛବି ମଳିନ କରିଥିବାରୁ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ଏହା ପରେ ଆସିଛି ସାମାଜିକ ଗଣମାଧ୍ୟମରେ ଅନେକ ଗୁଡିଏ ଭିଡିଓ, ଯେଉଁଥିରେ ସେହି କୁକୁରଟି ବିଶ୍ୱବିଦ୍ୟାଳୟରେ ୨ ମାସ ଧରି ବୁଲୁଥିବାର ଓ ପିଲାଙ୍କ ସାଙ୍ଗେ ଖେଳୁଥିବାର କଥା ବହୁ ଛାତ୍ରଙ୍କ ମୁହଁରେ କୁହାଯାଇଛି। ଏସବୁ କେବଳ ବିଶ୍ୱବିଦ୍ୟାଳୟର ଛବି ପୁଣିଥରେ ସୁଧାରିବାର ପ୍ରୟାସ ନୁହେଁ କି ? ଅଯଥାରେ କିନ୍ତୁ ସେ ବିଶ୍ୱବିଦ୍ୟାଳୟକୁ ଗୁଡାଏ ପ୍ରଚାର ପ୍ରସାର ମିଳିଗଲା ମାଗଣାରେ।

ବରଂ ମୁଁ ତ କହିବି ଦିଲ୍ଲୀ ନୁହେଁ ବାଙ୍ଗାଲୋର, କୋଲକାତା ଏପରିକି ଭୁବନେଶ୍ୱରରେ ମଧ୍ୟ ଏପରି ଅନେକ ଶିକ୍ଷାନୁଷ୍ଠାନ ଗଜିଉଠିଛି, ଯେଉଁଠି ବିଦ୍ୟା ନୁହେଁ ବିଜ୍ଞାପନ ହିଁ ପାଲଟିଛି ମୁଖ୍ୟ ଆୟୁଧ। ଏମାନଙ୍କ ଏଜେଣ୍ଟ ମାନେ ଯେନତେନ ପ୍ରକାରେଣ ପିଲା ଯୋଗାଡ କରିବାରେ ବ୍ୟସ୍ତ। ଏଠି ପ୍ରବେଶିକା ପରୀକ୍ଷାର କୌଣସି ମାନେ ନାହିଁ, ବରଂ ହାତରେ ପଇସା ଥିଲେ ଆଡ଼ମିସନ ପକ୍କା। ପିତା ମାତା ବି ମୁଖ୍ୟତଃ ୟୁଜିସି ନହେଲେ ନାକ କି ଏନ ଆଇ ଆର ଏଫ ର ମାର୍କକୁ ଦେଖି ପିଲାର ଆଡମିଶନ କରନ୍ତି। ଏମାନେ ଏହି ମାର୍କ ପାଇଁ ଖୋଜନ୍ତି ବିଶ୍ୱବିଦ୍ୟାଳୟର ଅତ୍ୟାଧୁନିକ ଭିତ୍ତିଭୂମି, ଚକମକ ସାଇନବୋର୍ଡ, ସୁନ୍ଦର ବଗିଚା ଏବଂ ସୁଦୃଢ ଆର୍ଥିକ ସ୍ଥିତି। ଏଇଠି ଫାଇଦା ମିଳେ ଏସବୁ ବେସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକୁ।

ଏମାନେ କଳେବଳେ କୌଶଳେ ନେଇ ଆସନ୍ତି ନିଜ ପାଇଁ ଉଚ୍ଚମାର୍କ ଏବଂ ତାକୁ ଦେଖେଇ ଟାଣିଆଣନ୍ତି ଅଧିକରୁ ଅଧିକ ଛାତ୍ର। ମାତ୍ର ପାଠପଢାର ଉଚ୍ଚ ଗୁଣବତ୍ତା ନଥାଏ କି ପ୍ଲେସମେଣ୍ଟର ଗ୍ୟାରେଣ୍ଟି ବି ନଥାଏ। ୨-୩ ଏକର ଜାଗାରେ କେବଳ ମେଣ୍ଢାପଲ ଭଳି ତିଆରି ହେଉଥାନ୍ତି କିଛି ଛାତ୍ର। ଏଠି ଗବେଷଣା ନାଁରେ ଚାଲେ ଅପର୍ଯ୍ୟାପ୍ତ ସରକାରୀ ଅନୁଦାନର ଖାନାପୁର୍ତ୍ତୀ ଏବଂ ଏସବୁର ପରିଣାମ ଶେଷରେ ଏୟା ଯେ, ଚାଇନାରୁ କିଣିଆଣି ରୋବୋଟିକ କୁକୁରକୁ ନିଜଦ୍ୱାରା ନିର୍ମିତ ବୋଲି ଦାବୀ କରି ଲୋକହସା ହେବା। ଆପଣ ଦେଖୁନାହାନ୍ତି ଗତ ୫ ବର୍ଷରେ ଦେଶର ସବୁତକ ଆଇଆଇଟି ମିଶି ନୂତନ ଗବେଷଣାର ପ୍ୟାଟେଣ୍ଟ ପାଇଁ ଆବେଦନ କରିଛନ୍ତି ମାତ୍ର ୮୦୩, କିନ୍ତୁ ଏହି ଗାଲଗୋଟିଆ ବିଶ୍ୱବିଦ୍ୟାଳୟ ଏକୁଟିଆ ଆବେଦନ କରିଛି ୨୫୦୪। ସେମିତି ଆମିଟି ଓ ଲଭଲି ବିଶ୍ୱବିଦ୍ୟାଳୟଙ୍କର ଆବେଦନ ସଂଖ୍ୟା ବି ୨୦୦୦ରୁ ଅଧିକ। ଅସଲ କଥା ହେଉଛି, ପ୍ରତିଟି ପ୍ୟାଟେଣ୍ଟ ଆବେଦନ ପାଇଁ ମିଳୁଥିବା ସରକାରୀ ପ୍ରୋତ୍ସାହନ ରାଶୀ ୫ ଲକ୍ଷ ଟଙ୍କା।

ଏ ଘଟଣାରୁ ବିଶ୍ୱବିଦ୍ୟାଳୟ ଏକ ଶିକ୍ଷା ପାଉ ଓ ପିଲାଙ୍କ ମଧ୍ୟରେ ପ୍ରକୃତ ଅନୁସନ୍ଧିତ୍ସା ବଢାଉ। ତେବେ ଯାଇ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ, ନଚେତ ଏପରି ବାରମ୍ବାର ଲୋକଲଜ୍ଜାର ସାମ୍ନା କରିବାକୁ ପଡିବ। ଶେଷରେ ଏତିକି ଭାବୁଥିଲି ଖବରକାଗଜ ଗୁଡିକ ଏ ଘଟଣାକୁ ଏତେ ବଢେଇ ଚଢେଇ ନ କହି ବରଂ ସମ୍ମିଳନୀର ଅନ୍ୟ ସକାରାତ୍ମକ ଦିଗ ଉପରେ ନଜର ପକେଇଥିଲେ ହୁଏତ ଖୁବ ଭଲ ହୋଇଥାନ୍ତା। ସକାଳର ଟ୍ରେନ ଯାତ୍ରାରୁ ଆରମ୍ଭ ହୋଇଥିବା ଏ ଆଲୋଚନା ଓ ଖବରକାଗଜ ପଢା ସରିଆସିଲା ବେଳକୁ ମୋ ଆଖିକୁ ନିଦ ଆସୁଥିଲା। ମୁଁ ଭାବୁଥିଲି, ବିଦ୍ୟା...ନା..ବିଜ୍ଞାପନ..ବଡ କେଉଁଟା ?

**ଛାକ, ଜଗନ୍ନାଥ ବିହାର**
**ଭଦ୍ରକ - ୭୦୦୮୬୦୧୧୬୧**

ଫ୍ୟାସନ୍

# ହେୟାର୍ କେୟାର୍‌ରେ ନଡ଼ିଆ କ୍ଷୀର

**ସମସ୍ତେ ସୁନ୍ଦର, ମୋଟା ଏବଂ ଶକ୍ତିଶାଳୀ କେଶ ପାଇବା ପାଇଁ ପ୍ରାକୃତିକ ଉପଚାର ସବୁଠୁ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ନଡ଼ିଆ କ୍ଷୀର କେଶ ପାଇଁ ସତନ୍ତ୍ର, ଯାହା କେବଳ କେଶକୁ ମୂଳରୁ ପୋଷଣ କରେ ନାହିଁ ବରଂ ଲମ୍ବା, ମୋଟା ଏବଂ ଶକ୍ତିଶାଳୀ କରିବାରେ ମଧ୍ୟ ସାହାଯ୍ୟ କରେ। ନଡ଼ିଆ କ୍ଷୀରରେ ପ୍ରୋଟିନ୍, ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଅଟେ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ରୂପିକୁ ହ୍ରାସ କରେ ଏବଂ ଦୋମୁହାଁ କେଶକୁ ରୋକିଥାଏ।**

ଆଜିକାଲି ଜୀବନଶୈଳୀକୁ ନେଇ କେଶର ସମସ୍ୟା ବଢ଼ିବାରେ ଲାଗିଛି। ଯେମିତିକି ଚାପ, ପ୍ରଦୂଷଣ, ରାସାୟନିକ ଭିତ୍ତିକ ଉତ୍ପାଦ ଏବଂ ଅସନ୍ତୁଳିତ ଖାଦ୍ୟ, କେଶ ଝଡ଼ିବା, ଶୁଷ୍କତା ଏବଂ କ୍ଷତି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏପରିସ୍ଥିତିରେ ପ୍ରାକୃତିକ ଉପଚାର ନିରାପଦ। ନଡ଼ିଆ କ୍ଷୀରରେ ପ୍ରୋଟିନ୍, ଭିଟାମିନ୍-ସି, ଇ, ବି-୧, ବି-୩, ବି-୫ ଏବଂ ବି-୬ ସହିତ ଆଇରନ୍, କ୍ୟାଲସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍ ଏବଂ ସେଲେନିୟମ୍ ପରି ମିନେରାଲ୍ସ ଭରପୂର ମାତ୍ରାରେ ରହିଛି। ଏଥିରେ ଥିବା ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ କେଶ ମୂଳକୁ ମଜବୁତ କରିଥାଏ। ଏହା ଏକ ପ୍ରାକୃତିକ କଣ୍ଡିସନର ଭାବରେ କାମ କରେ ଏବଂ କେଶର ବୃଦ୍ଧିକୁ ପ୍ରୋତ୍ସାହିତ କରେ।

## ହେୟାର୍ ଗ୍ରୋଥ୍

ତାଜା ନଡ଼ିଆ କ୍ଷୀରକୁ ସିଧାସଳଖ ସ୍କାଲ୍‌ଫରେ ଲଗାନ୍ତୁ ଏବଂ ଏହାକୁ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହା ମୂଳକୁ ପୋଷଣ ଯୋଗାଇବା ସହ କେଶ ଝଡ଼ିବା କମାଇଥାଏ। ଏହାକୁ ମଧ୍ୟ ହେୟାର୍ ମାସ୍କ ଭାବରେ ବ୍ୟବହାର କରନ୍ତୁ। ନଡ଼ିଆ କ୍ଷୀରରେ ମହୁ ଏବଂ ଆଲୋଭେରା ଜେଲ ମିଶାଇ ଏକ ହେୟାର୍ ମାସ୍କ ପ୍ରସ୍ତୁତ କରିବେ। ଏହି ମାସ୍କ ନଷ୍ଟ ହୋଇଥିବା କେଶକୁ ନରମ କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲ କିମ୍ବା ବାଦାମ ତେଲକୁ ନଡ଼ିଆ କ୍ଷୀରରେ ମିଶାନ୍ତୁ। ଏହାକୁ ହାଲୁକା ଭାବେ ଗରମ କରିବା ପରେ ଆଙ୍ଗୁଠିରେ ନେଇ ସ୍କାଲ୍‌ଫକୁ ମାଲିସ୍ କରନ୍ତୁ। ଏହା ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ମୂଳକୁ ମଜବୁତ କରିଥାଏ। ଲେମ୍ବୁ ରସକୁ ନଡ଼ିଆ କ୍ଷୀର ସହିତ ମିଶାଇ ସ୍କାଲ୍‌ଫରେ ଲଗାଇବା ଦ୍ୱାରା ରୁପି ସମସ୍ୟା କମିଯାଏ ଏବଂ କୁଣ୍ଡାଇ ହେବାରୁ ମୁକ୍ତି ମିଳିଥାଏ। ଏହି ନଡ଼ିଆ କ୍ଷୀରକୁ ପ୍ରାକୃତିକ କଣ୍ଡିସନର ଭାବରେ ବ୍ୟବହାର କରନ୍ତୁ। ସାମ୍ପୁ ପରେ, ନଡ଼ିଆ କ୍ଷୀରର ଏକ ହାଲୁକା ସ୍ତରକୁ କେଶରେ ଲଗାଇ ଏହାକୁ ୧୦ମିନିଟ୍ ପାଇଁ ଛାଡ଼ି ଧୋଇ ଦିଅନ୍ତୁ। ଏହା କେଶକୁ ଚିକ୍କଣ ଏବଂ ସିଲ୍କ କରିଥାଏ। ନଡ଼ିଆ କ୍ଷୀରରେ ମେଥି ମଞ୍ଜି ପେଷ୍ଟ ସହିତ ମିଶାଇ ପ୍ରୟୋଗ କରନ୍ତୁ। ଏହା କେଶକୁ ମୂଳରୁ ପୋଷଣ କରିବା ସହ ମୋଟା ଏବଂ ଶକ୍ତିଶାଳୀ କରିଥାଏ। ନଡ଼ିଆ କ୍ଷୀରରେ ପାଚିଲା କଦଳୀର ପେଷ୍ଟ ମିଶାଇ ଏକ ହେୟାର ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହା ଦୋମୁହାଁ କେଶକୁ ଠିକ୍ କରେ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରେ। ସେହିପରି ଭାବେ ସପ୍ତାହରେ ଦୁଇଥର ନଡ଼ିଆ କ୍ଷୀର ବ୍ୟବହାର କରନ୍ତୁ।



ରୋଷେଇ ଘରୁ

# ଏଗ୍ ଚିଲ୍ଲି

**ଆବଶ୍ୟକ ସାମଗ୍ରୀ:** ଅଣ୍ଡା, ପିଆଜ, କ୍ୟାପସିକମ୍, କଞ୍ଚାଲଙ୍କା, ରସୁଣ, ଟମାଟୋ ସସ୍, ଚିଲ୍ଲି ସସ୍, ସୋୟା ସସ୍, ଗୋଲମରିଚ ପାଉଡ଼ର, ଲୁଣ, କାଶ୍ମିରୀ ଚିଲ୍ଲି, ଧନିଆପତ୍ର।

**ପ୍ରଣାଳୀ:** ଗୋଟିଏ ଗିନାରେ ଅଣ୍ଡା, ଲୁଣ, ଗୋଲମରିଚ ପାଉଡ଼ରକୁ ଭଲ ଭାବେ ଗୋଳାଇବେ। କ୍ୟାପସିକମ୍ ଏବଂ ପିଆଜକୁ ମିଡ଼ିୟମ୍ ସାଇଜ୍‌ର କାଟି ରଖିବେ। ପ୍ୟାନ୍‌ରେ ତେଲ ଗରମ ହେଲା ପରେ ଅଣ୍ଡାକୁ ଆମ୍ଲେଟ୍ ଭାବେ କରି ଏହାକୁ ମିଡ଼ିୟମ୍ ସାଇଜର କାଟି ରଖନ୍ତୁ। ସେହି ପ୍ୟାନ୍‌ରେ ତେଲ ଦେଇ ସେଥିରେ କାଟି ରଖିଥିବା ରସୁଣ, କଞ୍ଚାଲଙ୍କା, ପିଆଜ, କ୍ୟାପସିକମ୍‌କୁ ହାଲୁକା ଭାଜିବେ। ଏଥିରେ ସୋୟା ସସ୍, ଟମାଟୋ ସସ୍, ଚିଲ୍ଲି ସସ୍, ଗୋଲମରିଚ ପାଉଡ଼ର, ଲୁଣ, କାଶ୍ମିରୀ ଚିଲ୍ଲିକୁ ପକାଇ ମିଶାଇ ନେବେ। ସେଥିରେ ଅଳ୍ପ ପାଣି ଦେଇ କିଛି ସମୟ ଫୁଟିଲେ ଭାଜି ରଖିଥିବା ଅଣ୍ଡାକୁ ପକାଇ ମିଶାନ୍ତୁ। ଶେଷରେ କାଟି ରଖିଥିବା ଧନିଆପତ୍ର ଦେଇ ଗ୍ୟାସ୍ ବନ୍ଦ କରିଦେବେ। ଏହି ଅଣ୍ଡା ଚିଲ୍ଲିକୁ ଭାତ, ରୁଟି ସହିତ ଖାଇପାରିବେ।





# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ:** ନିଜର ବିଚାରକୁ ପ୍ରାଥମିକତା ଦିଅନ୍ତୁ। ଯାତାୟାତ ନିୟମ ଭାଙ୍ଗିଲେ ବିବାଦ ହୋଇପାରେ। ବ୍ୟାପାରରେ ଏ ସମୟରେ କିଛି ନୂଆ ପ୍ରସ୍ତାବ ମିଳିପାରେ। ଅଧିକ ଚିନ୍ତା କରି ସମୟ ବରବାଦ ନକଲେ ଭଲ। ପାରିବାରିକ ପରିବେଶ ଶାନ୍ତ ରହିବ।

**ବୃଷ:** ନୂଆ ତଥ୍ୟ ଓ ସମାଚାର ପାଇବେ। ଏହା ପାରିବାରିକ ଓ ଆର୍ଥିକ ଦୃଷ୍ଟିରୁ ଶୁଭ ଓ ଫଳଦାୟୀ ହେବ। ଏ ସମୟରେ ଆପଣ ରଚନାତ୍ମକ କାର୍ଯ୍ୟଗୁଡ଼ିକରେ ଲାଗି ରହିବେ। ଅନ୍ୟ ଲୋକଙ୍କ ସହିତ କଥାବାର୍ତ୍ତା କରିବାରେ ସମୟ ବରବାଦ କରନ୍ତୁ ନାହିଁ।

**ମିଥୁନ:** ଜୀବନରେ ସଫଳତା ପାଇବେ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। କାର୍ଯ୍ୟ କ୍ଷେତ୍ରରେ ପ୍ରୋତ୍ସାହନ ମିଳିବ। ପ୍ରେମୀ ଯୁଗଳଙ୍କ ପାଇଁ ସମୟ ଭଲ। କୌଣସି ପାରିବାରିକ ବା ସାମାଜିକ ଉତ୍ସବରେ ସାମିଲ ହେବେ।

**କର୍କଟ:** କାମରେ ବ୍ୟସ୍ତ ରୁହନ୍ତୁ। ଘରର ବଡ଼ ସଦସ୍ୟଙ୍କୁ ସମ୍ମାନିତ କରି ତାଙ୍କର ମାର୍ଗଦର୍ଶନର ପାଳନ କରନ୍ତୁ। ଖାଦ୍ୟପେୟରେ ଅବହେଳା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକେଇବ। ବିଦ୍ୟାର୍ଥୀମାନେ ଅଧ୍ୟୟନରେ ବ୍ୟସ୍ତ ରହିବେ।

**ସିଂହ:** କୌଣସି ନିକଟ ସମ୍ବନ୍ଧୀୟଙ୍କ ଠାରୁ ଦୁଃଖଦ ସମାଚାର ପାଇବେ। ନିରାଶ ହୋଇପାରନ୍ତି। ବ୍ୟବସାୟିକ ଦୃଷ୍ଟିରୁ ସପ୍ତାହଟି ଅନୁକୂଳ ନୁହେଁ। ଘରେ ଶାନ୍ତିମୟ ପରିବେଶ ରହିବ। ଚିନ୍ତାରୁ ଅନିଦ୍ରା ପରି ସମସ୍ୟା ହୋଇପାରେ।

**କନ୍ୟା:** ବ୍ୟକ୍ତିତ୍ୱ ଓ ସରଳ ସ୍ୱଭାବ କାରଣରୁ ସମାଜରେ ଆପଣଙ୍କର ବିଶେଷ ସ୍ଥାନ ରହିବ। ଏ ସମୟ ଆପଣଙ୍କ ପାଇଁ ଲାଭକାରୀ ଓ ସୁଖଦ ସ୍ଥିତି ରହିବ। କୌଣସି ନୂଆ କାର୍ଯ୍ୟର ଆରମ୍ଭ ହୋଇପାରେ। ଆଜି ବ୍ରେକ୍‌ଅପ୍ ହେବାର ଯୋଗ ଅଛି।

**ତୁଳା:** ନିକଟ ସମ୍ବନ୍ଧୀୟଙ୍କ ସମସ୍ୟାର ସମାଧାନରେ ଉଚିତ ସହଯୋଗ ରହିବ। ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆତ୍ମବିଶ୍ୱାସ ସହିତ ଏସବୁର ସମ୍ମୁଖୀନ ହେବାକୁ ପଡ଼ିପାରେ। ନକାରାତ୍ମକ ତଥ୍ୟ ନିରାଶ କରିବ।

**ବିଛା:** ଆଜି ଆର୍ଥିକ ସ୍ଥିତି ଖରାପ ହୋଇପାରେ। ଅଧିକ ପ୍ରୟାସର ଆବଶ୍ୟକତା ହେବ। ପତି-ପତ୍ନୀଙ୍କ ତାଳମେଳ ଖୁବ୍ ଭଲ ରହିବ। ଅଧିକ ଚାପ ନିଅନ୍ତୁ ନାହିଁ। କୌଣସି ଜିନିଷ କିଣିବା ପାଇଁ ଶୁଭ ସମୟ। ବ୍ୟର୍ଥ ଦୌଡ଼ାଦୌଡ଼ି କରିପାରନ୍ତି।

**ଧନୁ:** ଜବରଦସ୍ତ ଆତ୍ମବିଶ୍ୱାସର ଅନୁଭବ କରିବେ। ସକାରାତ୍ମକତା ଓ ସନ୍ତୁଳିତ ଚିନ୍ତାଧାରା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକୁ ଯୋଜନାବଦ୍ଧ ଭାବରେ ପୂରା କରିବେ। ସନ୍ତାନ ପକ୍ଷରୁ ମିଳୁଥିବା ସଫଳତା ପରିବାର ପାଇଁ ଖୁସି ଦେବ।

**ମକର:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ପାଣିପାଗଜନିତ ରୋଗ କାରଣରୁ ସ୍ୱାସ୍ଥ୍ୟହାନି ହୋଇପାରେ। ପରିବାରରେ ସମ୍ପତ୍ତିକୁ ନେଇ ବିବାଦୀୟ ସ୍ଥିତି ଉପୁଜିବ। ବଞ୍ଚିବା ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି।

**କୁମ୍ଭ:** ଅଟକିଥିବା ଧନ ପ୍ରାପ୍ତ ହୋଇପାରେ। ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବିଶେଷ ପଦରେ ସମ୍ମାନିତ କରାଯାଇପାରେ। ଆୟର ନୂଆ ମାର୍ଗ ଖୋଲିବ। ଆୟ ଓ ବ୍ୟବସାୟ ପୂରା ଭଲ ଚାଲିବ। ପ୍ରେମୀମାନଙ୍କ ପାଇଁ ଦିନଟି ଭଲ।

**ମୀନ:** ସ୍ଥିତି ସାମାନ୍ୟ ରହିବ। କୌଣସି ବଡ଼ ଡିଲ୍‌ର ଅଂଶବିଶେଷ ହୋଇପାରନ୍ତି। ଆୟର ସୋର୍ସ ଖୋଲିପାରେ। ପରିବାରରେ ପରସ୍ପରର ବିବାଦ ଶେଷ ହେବ। ସାମଞ୍ଜସ୍ୟର ସ୍ଥିତି ନଜର ଆସୁଛି। ପତ୍ନୀଙ୍କ ପୂର୍ଣ୍ଣ ସହଯୋଗ ପାଇବେ।

ପ୍ରକୃତି ଓ ପର୍ଯ୍ୟଟନ

## ଅନନ୍ୟ ସହୀଦ ସ୍ମାରକୀ...

# କାରଗିଲ୍





ଭାରତବର୍ଷର ଜନସାଧାରଣଙ୍କ ପାଖରେ କାରଗିଲ୍ ଏକ ନୂଆ ସ୍ଥାନର ନାମ ନୁହେଁ। ବରଂ ପ୍ରତ୍ୟେକ ନାଗରିକଙ୍କ ହୃଦୟ କାନ୍ଥରେ ଲେଖି ହୋଇଯାଇଥିବା ଦେଶପ୍ରେମର ଏକ ସ୍ମାରକୀ। ଭାରତ-ପାକିସ୍ତାନ ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଏହି କାରଗିଲ୍ ସ୍ମାରକୀ ଦେଖିବାକୁ ଭାରତବର୍ଷର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟେକବର୍ଷ ଏଠାକୁ ଆସିଥାନ୍ତି। ଏହା ପୂର୍ବରୁ ପର୍ଯ୍ୟଟନସ୍ଥଳୀ ଭାବରେ ଯେତିକି ବିଖ୍ୟାତ ନଥିଲା ବରଂ ଯୁଦ୍ଧରେ ଭାରତୀୟ ସୈନିକଙ୍କ ମୃତ୍ୟୁପରେ ଆହୁରି ମହନୀୟ ହୋଇଯାଇଥିଲା ଏହି ସ୍ଥାନ।

**କଣ ରହିଛି ଏହି ସ୍ଥାନର ବୈଶିଷ୍ଟ୍ୟ-**

ଟାଇଗର ହିଲ୍‌ରୁ ସୁରୁ ନଦୀ ଅବବାହିକା ପର୍ଯ୍ୟନ୍ତ ଆଠ ହଜାର ଫୁଟ୍‌ରୁ ଅଧିକ ଏହି ବୀରଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋହର। କାରଗିଲ ଯୁଦ୍ଧରେ ସହୀଦ ହୋଇଥିବା ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୦୦ଫୁଟ୍‌ରୁ ଅଧିକ ଉଚ୍ଚର ଏକ ପତାକାସ୍ତମ୍ଭ ରହିବା ସହିତ ବୀରତ୍ୱର ଗାଥା ମଧ୍ୟ ରହିଛି। ସହୀଦ ସ୍ମାରକୀ କେବଳ କାରଗିଲରେ ରହୁଥିବା ଲୋକଙ୍କ ପାଇଁ ନୁହେଁ ଦେଶର ସମସ୍ତ ନାଗରିକଙ୍କ ପାଇଁ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ। ଏଠାରେ ମଧ୍ୟ ରହିଛି ଦ୍ରାସ୍ ଉପତ୍ୟକା, ଜନସ୍କାର ଉପତ୍ୟକା, ଫୁଗତାଲ ମଠ, ମୁଲବେଖ ମଠ। ଯେଉଁ ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସୁଛନ୍ତି, ସେମାନେ ନିଶ୍ଚିତ ଭାବରେ ଏସବୁ କ୍ଷେତ୍ରକୁ ବୁଲି ଦେଖିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ଦ୍ରାସ୍ ଉପତ୍ୟକାରେ ଥିବା ପର୍ବତଶୃଙ୍ଖଳ ଓ ବରଫାଚ୍ଛନ୍ନ ପରିବେଶ ସ୍ୱିଜରଲ୍ୟାଣ୍ଡର ଭ୍ରମ ସୃଷ୍ଟି କରେ ମନରେ।

ବିଶେଷକରି ଏଠାକୁ ଆସୁଥିବା ଦର୍ଶକ ପ୍ରଥମେ କାରଗିଲ୍ ସହୀଦ ସ୍ମାରକୀ ଦେଖିବାକୁ ଅସ୍ତବ୍ୟସ୍ତ ହୋଇପଡ଼ିଥାନ୍ତି। ଏହି ଭୂମିରେ ଛିଡ଼ାହେଲେ ପ୍ରତ୍ୟେକ ଭାରତୀୟଙ୍କ ଶିରାପ୍ରଶିରାରେ ଯେମିତି ଦେଶତ୍ୱବୋଧର ଶିହରଣ ସୃଷ୍ଟି ହୁଏ। କାରଗିଲ ସିଟି ପଏଣ୍ଟ ମଧ୍ୟ ଏକ ପ୍ରମୁଖ ସ୍ଥାନ, ଯେଉଁଠି ଶୀତଦିନେ ତାପମାତ୍ରା ମାଇନସ୍ ହୋଇଥାଏ। କାରଗିଲ ଚତୁଃପାର୍ଶ୍ୱରେ ପାହାଡ଼ଗୁଡ଼ିକ ଥିବାରୁ ଓ ଏହା ବରଫାଚ୍ଛନ୍ନ ଭାବରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସବୁବେଳେ ଧରି ରଖିଥାଏ।

**ଯିବେ କେମିତି-**

ଏଠାକୁ ଯିବାକୁ ହେଲେ ଶ୍ରୀନଗର କିମ୍ବା ଲେହରୁ ବସ୍ କିମ୍ବା ଟ୍ୟାକ୍ସି ବୁକ୍ କରି ଯାଇପାରିବେ। ଏହା କାରଗିଲ ଜିଲ୍ଲାର ଏକ ପ୍ରମୁଖ ସହର ଭାବରେ ପରିଗଣିତ। କାଶ୍ମିରୀରୁ ୨୦୧ କି.ମି. ହେବାବେଳେ ଲେହରୁ ଏହା ୨୩୪ କି.ମି.। ବିମାନରେ ଦିଲ୍ଲୀରୁ ଶ୍ରୀନଗର ଯାଇ ଟ୍ୟାକ୍ସି ଯୋଗେ ନଚେତ ଲେହ କିମ୍ବା ଜମ୍ମୁ ବିମାନବନ୍ଦକୁ ଯାଇ କାରଗିଲ ଯାଇପାରିବେ।

**ରହଣି-**

ଏଠାରେ ରହିବାର ସମସ୍ତ ପ୍ରକାର ସୁବିଧା ରହିଛି। ବିଭିନ୍ନ ହୋଟେଲଗୁଡ଼ିକରେ ବାହାର ପର୍ଯ୍ୟଟକଙ୍କ ପାଇଁ ରହିଛି ନାନାଦି ସୁବିଧା। ସୁରକ୍ଷା ଦୃଷ୍ଟିରୁ ମଧ୍ୟ ସେମିତି କିଛି ଅସୁବିଧା ଦେଖାଯାଏନାହିଁ।

ମନୋରଞ୍ଜନ



## ନୂଆ ଛୁଙ୍କର ଓଡ଼ିଆ ସିନେମା

# ‘ବରବଧୂ’

ବରବଧୂ ରିଲିଜ୍ ହେବା ପରେ ଦର୍ଶକଙ୍କ ମନ ଜିଣିପାରିଛି ବୋଲି ଚର୍ଚ୍ଚା ଧରିଛି । କିଛିଟା ଅସଂଗତି ସତ୍ତ୍ୱେ ଶୈଳେନ୍ଦ୍ର ଓ ଶିବାନୀ ନିଜନିଜ ଚରିତ୍ରକୁ ନ୍ୟାୟ ଦେଇଛନ୍ତି । ବିଶେଷ କରି ଶୈଳେନ୍ଦ୍ର ଆଞ୍ଚଳିକ କଥନ ଓ ଗ୍ରାମୀଣ ହାବଭାବକୁ ଚମତ୍କାର ଢଙ୍ଗରେ ଆୟତ୍ତ କରି ପରିପକ୍ୱ ଅଭିନୟ କରିଛନ୍ତି । ରିତେନ ପଟ୍ଟନାୟକ ଓ ଅଙ୍କିତା ମିଶ୍ରଙ୍କ ହାସ୍ୟରସ, ବିଜୁ ଚରିତ୍ରର ଭଉଣୀ ଓ ଭିଣୋଇ ଭାବେ ସୂର୍ଯ୍ୟମୟୀ ମହାପାତ୍ର ଓ ହର ରଥ ସବୁଠାରୁ ଜୀବନ୍ତ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରର ସିନେମାଟୋଗ୍ରାଫି, ଗୀତ ଓ ପୃଷ୍ଠଭୂମି ସଂଗୀତ ଏହି କାହାଣୀକୁ ଅଧିକ ଉପଭୋଗ୍ୟ କରିପାରିଛି । ମେକିଂରେ ଟିକେ ସତର୍କତା ଅବଲମ୍ବନ କରାଯାଇପାରିଥାନ୍ତା କିନ୍ତୁ ଏହି ଟେକନିକର ଟିକେ ଅଭାବ ରହିଛି । ଏହି ଫିଲ୍ମରେ ନିର୍ଦ୍ଦେଶକ ଭାବରେ ବିଶ୍ୱରଞ୍ଜନ ପ୍ରଧାନ ରହିଥିବାବେଳେ ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ପ୍ରମୁଖ ରହିଛନ୍ତି ।




# ବଡ଼ ପରଦାକୁ ଆସୁଛି ‘କାନ୍ଦ ମାଷ୍ଟ୍ରେ’



୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ୨୦୨୬ - ଲଣ୍ଡନ, କେବଳ ସିନେମାଟିକ୍ ଉତ୍କୃଷ୍ଟତାକୁ ସମ୍ମାନ ଦେବା ନୁହେଁ, ବରଂ ଓଡ଼ିଶାର ସଂସ୍କୃତି, ପରମ୍ପରା, ସଙ୍ଗୀତ, ନୃତ୍ୟ ଓ ଐତିହ୍ୟକୁ ଭାରତର ସୀମାପାରେ ପ୍ରଚାର କରିବାକୁ ଲକ୍ଷ୍ୟ ରଖୁଛି । ଏହି ଆୟୋଜନ ଏକ ସାଂସ୍କୃତିକ ସେତୁ ଭାବେ କାମ କରିବ, ଯାହା ଓଡ଼ିଆ ସିନେମା ଓ ଓଡ଼ିଶାର କଳାତ୍ମକ ଐତିହ୍ୟକୁ ଅନ୍ତର୍ଜାତୀୟ ଦର୍ଶକ ଓ ୟୁକେରେ ରହୁଥିବା ଭାରତୀୟ ପ୍ରବାସୀମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବ । ପାରମ୍ପରିକ ଓ ଆଧୁନିକ - ଦୁଇ ପ୍ରକାର ସାଂସ୍କୃତିକ ଉପାଦାନ ଓଡ଼ିଶାର ପ୍ରେରଣାରେ ଆଧୁନିକ ସିନେମାଟିକ୍ ଉତ୍ସବ ସହିତ ପ୍ରଦର୍ଶିତ ହେବ, ଯାହା ବିଶ୍ୱଭରି ବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହେବ । ଆକାଶ ଦାସ ନାୟକ, ସବ୍ୟସାଚୀ, ଅର୍ଚ୍ଚିତା ସାହୁ, ଏଲିନା ସମନ୍ତରାୟ, ପୁପିନ୍ଦର ସିଂହ, ଶୀତଲ ପାତ୍ର, ରିୟା ଦେ, ଦିବ୍ୟା ମହାନ୍ତି, ଶିବାନୀ ସଙ୍ଗୀତା, ଶ୍ରୀତମ ଦାସ, ଅର୍ଦ୍ଧେନ୍ଦୁ ସାହୁ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞା ହୋତା, ମହାଶ୍ୱେତା ରାୟ, ଅମ୍ଲାନ ଦାସ, ବର୍ଷା ପ୍ରିୟଦର୍ଶିନୀ, ଅନୁ ଚୌଧୁରୀ, ପୁନମ ମିଶ୍ର, ବବି ମିଶ୍ର, ପପୁ ପମ୍ ପମ୍, ହରିହର ମହାପାତ୍ର, ଜ୍ୟୋତିରଞ୍ଜନ ନାୟକ, ସୂର୍ଯ୍ୟମୟୀ ମହାପାତ୍ରଙ୍କ ସହ ଅନେକ ଅନ୍ୟାନ୍ୟ ଓଡ଼ିଆ ଫିଲ୍ମ ତାରକାମାନେ ଅନ୍ତର୍ଜାତୀୟ ରେଡ୍ କାର୍ପେଟ୍‌ରେ ରହିବେ । ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ବର୍ଣ୍ଣାଳୀ ହୋତା, ସୁସ୍ମିତା ଦାସ, କୁଳଦୀପ ପଟ୍ଟନାୟକ, ଦୀପ୍ତିରେଖା ପାଢ଼ୀ, ଅନୁରାଧା ପାଣିଗ୍ରାହୀ, ଅଂଶୁମାନ ଆଦି ପ୍ରସିଦ୍ଧ ଗାୟକ-ଗାୟିକାମାନେ ମଧ୍ୟ ଯୋଗ ଦେବେ । ଯେଉଁଠାରେ ଓଡ଼ିଶାର ସଂସ୍କୃତି ବିଶ୍ୱ ସିନେମା ସହିତ ମିଳିବ ବୋଲି ଆୟୋଜକ ରମେଶ ବାରିକ କହିଛନ୍ତି ।


# ଜୀ ସାର୍ଥକରେ ଆସୁଛି ଓଡ଼ିଆ ଚଳଚ୍ଚିତ୍ର

## ‘ଇନ୍ସପେକ୍ଟର ସନା’



ଓଡ଼ିଶାରେ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକ ସଫଳତାର ସହିତ ଆଗେଇ ଚାଲିଛି । ଅନେକ ମନୋରଞ୍ଜନ ଭିତ୍ତିକ ଧାରାବାହିକ, ରିୟାଲିଟି ସୋ ଓ ନୂଆ ଓଡିଆ ଚଳଚ୍ଚିତ୍ର ସହିତ ପ୍ରତି ସପ୍ତାହରେ ଯୋଡ଼ିଛି ନୂଆ ନୂଆ ଦର୍ଶକ । ସେହିପରି ଆସନ୍ତା ରବିବାର ସନ୍ଧ୍ୟା ୬:୩୦ ସମୟରେ ଜୀ ସାର୍ଥକରେ ୱାର୍ଲଡ ଟିଭି ପ୍ରିମିୟର ହେବାକୁ ଯାଉଛି ବହୁ ପ୍ରତିକ୍ଷିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଇନ୍ସପେକ୍ଟର ସନା’ । କମେଡି, ଆକ୍ସନ ଏବଂ ରୋମାନ୍ସର ଏକ ଭରପୂର ମନୋରଞ୍ଜନ ପ୍ୟାକେଜ୍ ନେଇ ଆସୁଛି ଏହି ସିନେମା । ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ଭାବରେ ଅଭିନୟ କରିଛନ୍ତି ସୋସିଆଲ ମିଡ଼ିଆ ସୁପରଷ୍ଟାର ଓ କମେଡିଆନ୍ ଅନୁଗୁଳିଆ ବଣ୍ଟି ଓ ତାଙ୍କ ସହ ଲୋକପ୍ରିୟ କଳାକାର ଯେପରି ହରିହର ମହାପାତ୍ର, ଅଶୋକ ଦାସ, ଅଭିଜିତ ମିଶ୍ର, ଅର୍ଚ୍ଚିତା ମହାନ୍ତି ଏବଂ ଓଡ଼ିଆ ସିନେମା ଜଗତର ଅନେକ ନାମୀ କଳାକାର ସମୂହ । ଅମରା ଷ୍ଟୁଡିଓଜ୍ ଦ୍ୱାରା ପ୍ରଯୋଜିତ ଏବଂ ନିର୍ଦ୍ଦେଶକ ରାଜା ଡି’ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସଦ୍ ନିଜାମ ଓ ଗୀତଗୁଡ଼ିକ ବେଶ୍ ଶ୍ରୁତି ମଧୁର ଏବଂ ଭାବପୂର୍ଣ୍ଣ ହୋଇଛି ।

# ବିବାଦରେ ‘କେରଲା ଷ୍ଟୋରୀ-୨’




କେରଲା ଷ୍ଟୋରୀ-୨ ଚଳଚ୍ଚିତ୍ରଟି ଏହାର ପୂର୍ବର କାହାଣୀକୁ ନେଇ ପର୍ଯ୍ୟବେସିତ ହୋଇଛି । କାହାଣୀଟି ଗତିଶୀଳ ହୋଇଛି ବ୍ୟକ୍ତିଗତ ସମ୍ପର୍କ, ଧାର୍ମିକ ପରିବର୍ତ୍ତନ ଏବଂ ସାମାଜିକ ଚାପ ସହିତ ଜଡିତ ଥିମ୍ ଗୁଡିକୁ ନେଇ । ଏହି ସିରିଜର ପ୍ରଥମ ସିନେମା ଥିଲା କେରଲା ଷ୍ଟୋରୀ । ଏଥିରେ ଆଦା ଶର୍ମା, ସୋନିଆ ବାଲାନି, ଯୋଗିତା ଭିହାନ ଓ ସିଦ୍ଧି ଇଦଦାନିନି ପ୍ରମୁଖ ଅଭିନୟ କରିଥିଲେ । ଏହାକୁ ନେଇ ମଧ୍ୟ ବେଶ ବିବାଦ ଦେଖାଯାଇଥିଲା । ତଥାପି ସୁଦିପ୍ତୋ ସେନ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଜାତୀୟ ଫିଲ୍ମ ପୁରସ୍କାର ଜିତିଥିଲେ । ପ୍ରଶାନ୍ତନୁ ମହାପାତ୍ରଙ୍କୁ ଶ୍ରେଷ୍ଠ ସିନେମାଟୋଗ୍ରାଫୀ ପୁରସ୍କାର ମିଳିଥିଲା । କେରଲା ଷ୍ଟୋରୀ-୨ ଫେବୃଆରୀ ୨୭ରେ ରିଲିଜ୍ ହେବାର ଅଛି । ଏଥିରେ ଉଲକା ଗୁପ୍ତା, ଐଶ୍ୱର୍ଯ୍ୟା ଓଝା ଓ ଆଦିତି ଭାଟିଆ ପ୍ରମୁଖ ରହିଛନ୍ତି । କିନ୍ତୁ କେରଳର ମୁଖ୍ୟମନ୍ତ୍ରୀ ବିଜୟନ ଏହାକୁ ବିରୋଧ କରିଛନ୍ତି । ବିଜୟନଙ୍କ କହିବା କଥା ଯେ ଫିଲ୍ମର ପ୍ରଥମ ଭାଗର ଉଦ୍ଦେଶ୍ୟ ଥିଲା କେରଳ ବିରୋଧରେ ଘୃଣା ଭାବକୁ ପ୍ରଚାର କରିବା ଓ ଏହାର ଧାର୍ମିକ ସଦଭାବନାକୁ ଦୁର୍ବଳ କରିବା । ଦ୍ୱିତୀୟ ଭାଗରେ ବଳପୂର୍ବକ ଧର୍ମ ପରିବର୍ତ୍ତନ ଘଟଣାକୁ ପ୍ରଦର୍ଶନ କରାଯାଇଥିବା ଦାବି କରାଯାଇଛି । ଏହାପରେ ଅନେକ ପକ୍ଷ ଅପପ୍ରଚାରର ଅଭିଯୋଗ ଆଣିଥିବା ମଧ କହିଛନ୍ତି ବିଜୟନ । କିନ୍ତୁ ନିର୍ଦ୍ଦେଶକ, ଏହା ସତ୍ୟ ଆଧାରିତ ଘଟଣାକୁ ଆଧାର କରି ନିର୍ମାଣ କରାଯାଇଥିବା କଥା କହିଛନ୍ତି ।

# ନୂଆ ମେସେଜ୍ ଦେବ ‘ହର୍ବାଲ ହୋଲି’



ସବୁବର୍ଷ ପରି ଏଥର ମଧ ଭୁବନେଶ୍ୱରରେ ୧୫ତମ ହର୍ବାଲ ହୋଲି ୨୦୨୬ ପାଳନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଯାହା ରଙ୍ଗର ପର୍ବକୁ ଉପଭୋଗ କରିବା ପାଇଁ ସୁରକ୍ଷିତ ଏବଂ ପ୍ରାକୃତିକ ଉପାୟକୁ ପ୍ରୋତ୍ସାହିତ କରେ । ଲାଭିନ୍ସଉଡ୍ ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ସ୍ୱପ୍ନା ପତି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ, କେମିକାଲ୍ ମୁକ୍ତ ହୋଲି ଉତ୍ସବ ବିଷୟରେ ସଚେତନତା ପ୍ରସାର କରିବାର ନିଜର ଦୀର୍ଘ ଦିନର ମିଶନକୁ ଜାରି ରଖିଛି । ସେହି ପରିପ୍ରେକ୍ଷୀରେ କଳିଙ୍ଗ ରେଳ ସଂଗ୍ରହାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ଆୟୋଜିକା ସ୍ୱପ୍ନା ପତି, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ପ୍ରିୟଙ୍କା, ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ), ଓଡିଶୀ ନୃତ୍ୟ ଗୁରୁ ଗୌରୀ ଶଙ୍କର ଦାସ, ପ୍ରଯୋଜକ ରାଜେଶ ମହାନ୍ତି, ରାକେଶ ମହାନ୍ତି (ଟ୍ରଷ୍ଟି), ସତ୍ୟଜିତ ମହାନ୍ତି (ସହଭାଗୀ), ହାସ୍ୟ ଅଭିନେତା ଡଃ ଋଷି ପଟ୍ଟନାୟକ, କୋରିଓଗ୍ରାଫର ଅମିତ ନାୟକ, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ୨ ମାର୍ଚ୍ଚ ୨୦୨୬ ରେ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ଅପରାହ୍ନ ୪ରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅଂଶଗ୍ରହଣକାରୀମାନେ ହଳଦୀ, ଚନ୍ଦନ, ମୁଲତାନି ମାଟି, ନିମ୍ବ ଏବଂ ବିଟ୍‌ରୁଟ୍ ପରି ପ୍ରାକୃତିକ ଉପାଦାନରୁ ନିର୍ମିତ ହର୍ବାଲ ରଙ୍ଗ ବ୍ୟବହାର କରି ହୋଲି ଖେଳିବେ । ଏହି ଉତ୍ସବରେ ଶେହଜାଦ୍ ଅଲ୍ଲୀ, ଶବାବ୍ ସାବ୍ରି, ଏଜାଜ୍ ଖାନ୍ ଏବଂ ଉର୍ଫି ଜାଭେଦ୍‌ଙ୍କ ସମେତ ଲୋକପ୍ରିୟ ବଲିଉଡ ଏବଂ ଓଲିଉଡ କଳାକାରଙ୍କ ଦ୍ୱାରା ଲାଇଭ୍ ପ୍ରଦର୍ଶନ ମଧ ରହିବ । ଡିଜେ ଆୟୁଷ ନିଜ ସଙ୍ଗୀତ ସହିତ ସନ୍ଧ୍ୟାକୁ ଅଧିକ ଉତ୍ସାହଜନକ କରିବେ । ପ୍ରାୟ ୧୦୦୦ ଅଂଶଗ୍ରହଣକାରୀ ଏବଂ ଅନେକ ଜଣାଶୁଣା ଶିଳ୍ପପତି ଏବଂ ଅତିଥି ଯୋଗଦେବେ ବୋଲି ଆଶା କରାଯାଉଛି ।



# ଜିନିଅସ୍

**ଡକ୍ଟର ସୁରେଶ କୁମାର ନାୟକ**

ବେଳେବେଳେ ପିଲାଙ୍କ ମନକୁ ଅଜବ ପ୍ରଶ୍ନସବୁ ଆସିଥାଏ। କୌଣସି ବିଷୟରେ ନ ବୁଝିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଥାଏ। ତେଣୁ ସମସ୍ତଙ୍କୁ ପ୍ରଶ୍ନ ପଚାରି ଉତ୍ତର ଜାଣିବା ପାଇଁ ଅସ୍ତବ୍ୟସ୍ତ କରିପକାନ୍ତି। ଯେ କୌଣସି ବିଷୟ ହେଉ ସେ ସମ୍ପର୍କରେ ଭଲ ଭାବରେ ଜାଣିବା ପାଇଁ ଆଗ୍ରହ ଦେଖାଇଥାନ୍ତି। ପିଲାଙ୍କର ଏଭଳି ଲକ୍ଷଣ ବେଳେବେଳେ ଘରଲୋକଙ୍କୁ ଅସୁବିଧାରେ ପକାଇଥାଏ ଓ ଏସବୁ ଗୁଣକୁ ସେମାନେ ଦୁଷ୍ଟାମି ବୋଲି ଭାବି ନିଅନ୍ତି। ହେଲେ ପିଲାଙ୍କ କ୍ଷେତ୍ରରେ ଏହି ଲକ୍ଷଣ ସବୁବେଳେ ଦୁଷ୍ଟାମିର କାରଣ ହୋଇ ନଥାଏ। ଏହା ମଧ୍ୟ ସେମାନଙ୍କ ବୁଦ୍ଧିମତ୍ତାର ପରିଚୟ ଦେଇଥାଏ, ଯାହାକୁ ଜିନିଅସ୍ ବୋଲି କୁହାଯାଇପାରେ। ତେଣୁ ଏଭଳି ପିଲାଙ୍କର ଲକ୍ଷଣ ସାଧାରଣତଃ ଭିନ୍ନ ହୋଇଥାଏ।

ବେଳେବେଳେ କେତେ ଜଣ ନିଜ ପାଠ ପ୍ରତି ଯେତିକି ଆଗ୍ରହ ଦେଖାନ୍ତି ନାହିଁ ତା'ଠାରୁ ବହୁ ଅଧିକ ଆଗ୍ରହ ଅନ୍ୟ କୌଣସି ବିଷୟ ପ୍ରତି ଦେଖାଇଥାନ୍ତି। ଏମିତିକି ଏଭଳି ଜିନିଅସ୍ ପିଲାମାନେ ଅନେକ ସମୟରେ ପାଖରେ ପଢୁଥିବା ଅନ୍ୟ ପିଲାଙ୍କ ପାଠ ବିଷୟରେ ବି ଅଧିକ ରୁଚି ଦେଖାଇଥାନ୍ତି। ପ୍ରତି ମୁହୂର୍ତ୍ତରେ ସବୁ ସମ୍ପର୍କରେ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥାନ୍ତି। କୌଣସି ବିଷୟରେ ଆଲୋଚନା ହେଉଥିଲେ ଏମାନେ ହୁଏତ ଅଧିକ ଜାଣିଥାନ୍ତି ଅବା ଅଧିକ ଜାଣିବାର ଆଗ୍ରହ ଦେଖାଇଥାନ୍ତି। ଜିନିଅସ୍ ପିଲାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ପରିସୀମା ନଥାଏ। କେବଳ ସେମାନଙ୍କର ଆଇକ୍ୟୁ ଲେଭଲ ବହୁତ ଅଧିକ ରହିଥାଏ। ତେବେ ସାଧାରଣ ପିଲାଙ୍କ ତୁଳନାରେ ଏମାନଙ୍କ ବ୍ୟବହାର ଭିନ୍ନ ହୋଇଥାଏ।

ଜିନିଅସ୍ ପିଲାମାନେ ପ୍ରତ୍ୟେକ ବିଷୟକୁ ଶୀଘ୍ର ବୁଝିପାରନ୍ତି। ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଜାଣିପାରନ୍ତି। ଏଭଳି ପିଲା କୌଣସି ବିଷୟରେ ଗଭୀର ଭାବରେ ବୁଝିବା ପାଇଁ ଚେଷ୍ଟା କରନ୍ତି। ଏମିତିକି ସମ୍ପୂର୍ଣ୍ଣ ଭାବେ ନ ଜାଣିବା ପର୍ଯ୍ୟନ୍ତ ଏମାନେ ଛାଡ଼ନ୍ତି ନାହିଁ। କୌଣସି ବିଷୟରେ ସମାଧାନ ବାହାର କରିବାର ନୂଆ ନୂଆ କୌଶଳକୁ ଆପଣାଇଥାନ୍ତି ଏମାନେ। ତେଣୁ ପଢ଼ା ବହିର ବାହାରେ ମଧ୍ୟ ଏମାନେ ନିଜ ମନରୁ ଭିନ୍ନ ଭିନ୍ନ ଉପାୟରେ ସମାଧାନ ଆପଣାଇଥାନ୍ତି। ଅଧିକ ଭାବୁକ, ଅଧିକ ସମ୍ବେଦନଶୀଳ ହୋଇଥାନ୍ତି ଜିନିଅସ୍ ପିଲା। ସେଥିପାଇଁ ଅନ୍ୟର ଭାବନାକୁ ମଧ୍ୟ ଏମାନେ ଗଭୀର ଭାବେ ବୁଝିପାରନ୍ତି। ବେଳେବେଳେ ଏମାନେ ଏକୁଟିଆ ରହି ବିଭିନ୍ନ ପ୍ରକାରର ପଜଲ ଗେମ୍, ଚେସ୍ ଆଦି ଖେଳିବାକୁ ପସନ୍ଦ କରନ୍ତି। ଏହି ପିଲାମାନେ ଅଧିକ ଆତ୍ମନିର୍ଭର ହୋଇଥାନ୍ତି। ପ୍ରତ୍ୟେକ କାମକୁ ନିଜେ ଶିଖିବା ଓ କରିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ତେଣୁ ଏମାନଙ୍କୁ ଅଧିକ ଗାଇଡ୍ କରିବାର ଆବଶ୍ୟକ ପଡ଼ି ନଥାଏ ତେଣୁ ନିଜ ଉପରେ ଏମାନଙ୍କର ସବୁ ସମୟରେ ଏକ ସୁନ୍ଦର ନିୟନ୍ତ୍ରଣ ରହିଥାଏ। କୌଣସି ପ୍ରକାରର ବିପରୀତ ପରିସ୍ଥିତିରେ ଏମାନେ ଧୈର୍ଯ୍ୟହରା ହୁଅନ୍ତି ନାହିଁ। ବରଂ ଶାନ୍ତ ଭାବରେ ସବୁ ପରିସ୍ଥିତିରେ ନିଷ୍ପତ୍ତି ନେଇଥାନ୍ତି। ସଫଳତା ଓ ବିଫଳତା ଭିତରେ ଥିବା ପାର୍ଥକ୍ୟକୁ ଏମାନେ ଭଲ ଭାବରେ ଜାଣିଥାନ୍ତି। କୁହାଯାଏ ଜିନିଅସ୍ ପିଲାମାନେ ଈଶ୍ୱରଙ୍କ ଆଶୀର୍ବାଦ ହୋଇଥାନ୍ତି। ଅର୍ଥାତ୍ ଏମାନେ ଜନ୍ମରୁ ସ୍ୱତନ୍ତ୍ର ଲକ୍ଷଣ ନେଇ ଆସିଥାନ୍ତି। ହେଲେ ସାଧାରଣ ପିଲାଟିଏ ବି ଚାହିଁଲେ ନିଜକୁ ଜିନିଅସ୍ କରି ଗଢ଼ି ତୋଳିପାରିବ। ଏଥିପାଇଁ ଲୋଡ଼ା କେବଳ ନିଷ୍ଠା ଓ ପରିଶ୍ରମ। ଏକନିଷ୍ଠ ପରିଶ୍ରମ ବଳରେ ଅସମ୍ଭବକୁ ବି ସାଧନ କରିହେବ। ତେଣୁ ନିଜ କ୍ଷମତାର ପରିସରକୁ ବୃଦ୍ଧି କରି ବ୍ୟାପକ ଜ୍ଞାନର ଅଧିକାରୀ ହେବା ନିମନ୍ତେ ପ୍ରଥମେ ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ହେବ। ତାପରେ ଜିନିଅସ୍ ପିଲାଙ୍କର ଲକ୍ଷଣକୁ ଅନୁଧ୍ୟାନ କରି ସେଭଳି ସବୁ କାମ ନିଜ ଜୀବନରେ କରିବାର ଚେଷ୍ଟା ହିଁ ଜଣଙ୍କ ଭିତରେ ଅସାଧାରଣ ପ୍ରତିଭା ସୃଷ୍ଟି କରିପାରିବ।

ନିଜକୁ ଅଧିକ ବୁଦ୍ଧିମାନ ଓ ଜିନିଅସ୍ କରି ଗଢ଼ିବାକୁ ଚାହୁଁଥିଲେ ଏସବୁ ଲକ୍ଷଣ ଗୁଡ଼ିକୁ ଅନୁଧ୍ୟାନ କରି ନିଜେ ଆପଣାଇବା ଦରକାର। ପ୍ରଥମ କଥା ସବୁ ବିଷୟକୁ ଭଲ ଭାବରେ ବୁଝିବାର ଚେଷ୍ଟା ଦରକାର। ନୂଆ କଥା ଜାଣିବାର ଆଗ୍ରହ ଦେଖାଇବାକୁ ହେବ। ଏହା ବ୍ୟତୀତ ପଢ଼ାବହିକୁ ଛାଡ଼ି ଅନ୍ୟ ସବୁ ବିଷୟରେ ବହୁତ ଅଧିକ ପଢ଼ିବାର ଅଭ୍ୟାସ କରନ୍ତୁ। ଏହା ବ୍ୟତୀତ ଶରୀରକୁ ସୁସ୍ଥ ରଖନ୍ତୁ। ଫଳରେ ଅଧିକ ପରିଶ୍ରମ ଓ ଶିକ୍ଷା ଲାଭ ନିମନ୍ତେ ନିଜକୁ ଯୋଗ୍ୟ କରିପାରିବେ। ଏହି କ୍ଷେତ୍ରରେ ଅଭିଭାବକଙ୍କର ପ୍ରୟାସ ମଧ୍ୟ ଜରୁରୀ। ତେବେ ନିଜ ଆଇକ୍ୟୁ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାରର ଚେଷ୍ଟା ସହିତ ଖେଳ ମଧ୍ୟ ଆପଣାଇ ପାରିବେ। ଅନେକ ଖେଳ ରହିଛି ଯାହା ମାଧ୍ୟମରେ ନିଜ ବୁଦ୍ଧିର ବିକାଶ କରାଇପାରିବେ। ଏସବୁ ବ୍ୟତୀତ କିଛି ଯୋଗ ଓ ମେଡିଟେସନ୍ ମାଧ୍ୟମରେ ବି ନିଜର ମାନସିକ ବିକାଶ କରାଇହେବ। ତେଣୁ ଏସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ସାଧାରଣ ପିଲାଙ୍କ ଭିତରେ ମଧ୍ୟ ଅସାଧାରଣ ଗୁଣ ସୃଷ୍ଟି ହୋଇପାରିବ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨**



# ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ.....

**ନାଟ୍ୟସାରଥି ଅଭୟ କୁମାର ଦାସ**




'ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ, ଫେରିବାର ବେଳ ହେଲେ ମୋର କିଆଁ ତୁମ କଥା ଏତେ ବେଶୀ ମନେ ପଡ଼େ...। ଓଡ଼ିଶା ସଂଗୀତର ଚିର ସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କ ସହ ପଦରେ ପଦ ମିଶାଇ ବେଶ ରୋମାଣ୍ଟିକ ଢ଼ଙ୍ଗରେ କଣ୍ଠଦାନ କରିଥିବା ଓଡ଼ିଆ ସଂଗୀତ ଦୁନିଆର ଜଣେ ଉଜ୍ଜ୍ୱଳତମ ତାରକା ଗୀତା ପଟ୍ଟନାୟକ ଚିରଦିନ ଲାଗି ଉଭେଇ ଯାଇଛନ୍ତି। କହିବାକୁ ଗଲେ ଥମି ଯାଇଛି ତାଙ୍କ ହୃଦୟ ଛୁଆଁ ଅନ୍ତର ଭିତର ଭାବପ୍ରବଣ ମିଠା ସ୍ୱର। ସବୁବେଳେ ଫିଟ ଓ ସଂଗୀତକୁ ନିଜ ସାଧନା ଭାବେ ବିଚାର କରିଥିବା ଗୀତା ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କ ଅଗଣିତ ପ୍ରସଂଶକ ମନ ଭିତରେ ଅତି ଭାବ ପ୍ରବଣତାର ସହିତ ରୁନ୍ଧି ହେବା କୋହରେ ଗୁଣୁ ଗୁଣଉଛନ୍ତି ସତରେ ନଦୀ ଯେମିତି ସାଗରକୁ, ପକ୍ଷୀ ଯେମିତି ନୀଡ଼କୁ ଆଉ ବାସ୍ତବିକ ସମସ୍ତଙ୍କର ଗୀତା ପଟ୍ଟନାୟକ ଆର ପାରିକୁ ଚାଲିଯାଇଛନ୍ତି। ଅଫେରା ବାଟକୁ ସଂଗୀତ ଦୁନିଆ ଏପରି ଏକ ବିଦାୟ ଦେଇଛି ସମ୍ଭବତଃ ଯାହା ଏ ସୃଷ୍ଟିର ଚିରାଚରିତ ନିୟମ ଭିତରେ ବନ୍ଧା।

୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ହେମଲତା ପଟ୍ଟନାୟକଙ୍କ କୋଳ ମଣ୍ଡନ କରିଥିବା ସୁକଣ୍ଠୀ ଗାୟିକା ଗୀତା ପିଲାବେଳୁ ସଂଗୀତ ପ୍ରତି ତାଙ୍କ ଦୁର୍ବଳତା ରଖିଥିଲେ। ତାଙ୍କ ମାଆ ଓ ମାଉସୀ ସଂଗୀତ ସାଧନା ପ୍ରତି ରୁଚି ରଖିଥିବାରୁ ପିଲା ଦିନରୁ ଏକ ସଂଗୀତମୟ ପରିବେଶରେ ସେ ତାଙ୍କ ସାଧନା ଆରମ୍ଭ କରିଥିଲେ। ମାତ୍ର ଛଅ ବର୍ଷ ବୟସରୁ କଳାବିକାଶ କେନ୍ଦ୍ରରେ ଗୀତ ଶିଖିବା ସହ ସଂଗୀତ ଭୂଷଣ କୃତୀତ୍ୱରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ଶିଶୁ ସଂସାର ଓ କିଶୋର ଚକ୍ରରେ କଣ୍ଠଦାନ କରି ଆକାଶବାଣୀର ଜଣେ ଲୋକପ୍ରିୟ ଗାୟିକା ଭାବେ ସ୍ୱୀକୃତି ପାଇଥିଲେ। ୧୯୭୧ ମସିହାରେ ଆକାଶବାଣୀରେ କଣ୍ଠଦାନ କରିଥିବା ତାଙ୍କ ପ୍ରଥମ ଗୀତଟି ଥିଲା 'ଜଗବନ୍ଧୁ ପରି ଜଣେ ସାମନ୍ତ...'। ପରବର୍ତ୍ତୀ ସମୟରେ ସେ ତାଙ୍କ ସାଧନା ଆଗେଇ ନେଇଥିଲେ। ରାଜନୀତି ବିଜ୍ଞାନରେ ଏମ.ଏ. ପାସ କରିଥିବା ଗୀତାଙ୍କ ସଂଗୀତ ଯାତ୍ରା ବାସ୍ତବିକ ହୃଦୟ ଛୁଆଁ। ଅନେକ ମଞ୍ଚରେ ସେ କହିଛନ୍ତି ଯେ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ମୁଁ ସଂଗୀତ ସାଧନାରେ ନିଜକୁ ନିୟୋଜିତ ରଖିଥିବି।



ତାଙ୍କ ସଂଗୀତ ସାଧନାମୟ ଜୀବନରେ ପ୍ରଥମେ ଗୁରୁଥିଲେ ଖୀତିଶ ଚନ୍ଦ୍ର ମୈତ୍ର। ପରବର୍ତ୍ତୀ ସମୟରେ ବାଳକୃଷ୍ଣ ଦାସ ଓ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ଠାରୁ ବିଧିବଦ୍ଧ ଭାବେ ଗୀତ ଶିଖିଥିଲେ। ଅନେକ ହୁଏତ ଜାଣି ନଥିବେ ମାତ୍ର ପନ୍ଦର ବର୍ଷ ବୟସରେ ଓଡ଼ିଆ ଚଳଚ୍ଚିତ୍ର 'ଅଧୀନ ମେଘରେ' କଣ୍ଠଦାନ କରି ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। 'ସଂସାର', 'ନାଗଫାଶ', 'ଯାଜପୁର', 'ଆହୁତି', 'ତଅପୋଇ', 'ଅଶାନ୍ତ ଗ୍ରହ', 'ମାଂସର ବିଳାପ' ପରି ପନ୍ଦରରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ତାଙ୍କ ସୁମଧୁର କଣ୍ଠର ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ସର୍ବକାଳୀନ ସୁପରହିଟ୍ ଗୀତ ଗୁଡ଼ିକ ହେଉଛି 'ଫୁରକିନା ଉଡିଗଲା ବଣି', 'ଯାରେ ଭାସି ଭାସି ଯା', 'ନଦୀ ଫେରେ ସାଗରକୁ' ପ୍ରମୁଖ। ଅନେକ ହୁଏତ ଜାଣିନଥିବେ ଏକଦା ଟି-ସିରିଜ ବ୍ୟାନରରେ କଣ୍ଠଦାନ ପାଇଁ ଗୁଲସନ କୁମାର ଅଫର ଦେଇଥିଲେ କିନ୍ତୁ କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଏ ସୁଯୋଗକୁ ହାତ ଛଡ଼ା କରିଥିଲେ। ନିଜ କ୍ୟାରିୟରକୁ ଛାଡ଼ି ସୁଦୂର ଦିଲ୍ଲୀରୁ ସେ ଓଡ଼ିଶା ଆସି ଏହିଠାରେ ହିଁ ନିଜ ସଂଗୀତମୟ ଜୀବନ ଆଗେଇ ନେଇଥିଲେ। ୧୯୮୪ ମସିହାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପୂର୍ବରୁ ସେ ଅକ୍ଷୟ ମହାନ୍ତି, ବାଳକୃଷ୍ଣ ଦାସ, ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରି ଖ୍ୟାତନାମା ସଂଗୀତ ନିର୍ଦ୍ଦେଶକଙ୍କ ସହିତ ସେ କାର୍ଯ୍ୟ କରିଥିଲେ। ୨୦୧୨ରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇବା ସହ ଓଡ଼ିଶା ଓ ଓଡ଼ିଶା ବାହାରର ଅନେକ ସଂଗଠନ ଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ।




ସଂଗୀତ ସାଧନାରେ ରୁଚି ରଖିଥିବା ଗୀତା ପଟ୍ଟନାୟକଙ୍କ ପରିବାରରେ କେବଳ ସଂଗୀତ ପ୍ରେରଣା ସେ ପାଇ ନଥିଲେ। ତାଙ୍କ ଜେଜେ ଜଣେ ପ୍ରଖ୍ୟାତ ଫୁଟବଲ ଖେଳାଳୀ ଥିଲେ ଯାହାଙ୍କ ନାମରେ ସତ୍ୟବ୍ରତ ଷ୍ଟାଡିୟମ ହୋଇଛି। ତାଙ୍କ ବାପା ମଧ୍ୟ ଜଣେ ଫୁଟବଲ ଖେଳାଳୀ ଯେ କି ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସହପାଠୀ ଥିଲେ। ଅନେକ ଶ୍ରୋତା ଓ ସଂଗୀତରେ ରୁଚି ରଖିଥିବା ବ୍ୟକ୍ତିତ୍ୱଙ୍କ ପାଇଁ ଏକ ଅଜଣା କଥା ହୋଇପାରେ ଯେ ଖ୍ୟାତନାମା ସଂଗୀତ କିମ୍ବଦନ୍ତୀ ଖୋକା ଭାଇ ଗୀତା ପଟ୍ଟନାୟକଙ୍କ ବିବାହ ପ୍ରସ୍ତାବ ବୁଝିଥିଲେ। ଅକ୍ଷୟ ମହାନ୍ତିଙ୍କ ଭଉଣୀ ଦିଲ୍ଲୀରେ କାର୍ଯ୍ୟ କରୁଥିବାରୁ ଇଞ୍ଜିନିୟର କ୍ରୀଷ୍ଣଗୋପାଳଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କରି ସହିତ ସମ୍ପର୍କ ଆଗେଇ ନେଇ ପ୍ରସ୍ତାବ ଓ ପରେ ବିବାହ ହୋଇଥିଲା ଗୀତା ପଟ୍ଟନାୟକଙ୍କର। ଗୀତା ପଟ୍ଟନାୟକଙ୍କର ପରଲୋକ କହିବାକୁଗଲେ ଓଡ଼ିଶା ସଂଗୀତ ଜଗତର ଏକ ଅପୂରଣୀୟ କ୍ଷତି। ଫକୀରମୋହନଙ୍କ ଗଳ୍ପ ଉପରେ ପ୍ରସ୍ତୁତ ଗୀତିନାଟ୍ୟ 'ଶ୍ରୀମତୀ ସମାର୍ଜନୀ' ପାଇଁ ମଧ୍ୟ ସେ କଣ୍ଠଦାନ କରିଥିଲେ। ଦିଲ୍ଲୀ ଦୂରଦର୍ଶନର ଜାତୀୟ କାର୍ଯ୍ୟକ୍ରମ ଠାରୁ ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ଜୁରି କମିଟି, ଆକାଶବାଣୀ ଅଡିସନ୍ ବୋର୍ଡ଼ ଠାରୁ ତରଙ୍ଗ ଚଳଚ୍ଚିତ୍ର ଜୁରି କମିଟି ସଦସ୍ୟା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ସଂଗୀତ ସାଧନାମୟ କାର୍ଯ୍ୟରେ ସେ ସବୁବେଳେ ବ୍ୟସ୍ତ ରହୁଥିଲେ। ଓଡ଼ିଆ ସଂଗୀତ ଜଗତର ଗୋଟିଏ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେ ଗାୟିଥିବା ଲୋକପ୍ରିୟ ସଂଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ନିଶ୍ଚୟ। ତାଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା କରୁଛି।

**ଗୋତରା, ମାହାଙ୍ଗା, କଟକ,**
**ଦୂରଭାଷ : ୯୪୩୭୧୪୨୭୧୭**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।



ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**

**ଦୂରଭାଷ : ୯୪୩୭୧୨୪୦୭୪**






ମହକ

## ସମାଜସେବାରେ ବ୍ରତୀ ଚାରି ଯୁବ ଭେଷଜ ବିଜ୍ଞାନୀ:

# ରାକେଶ, ଆଶିଷ, ଆକାଶ ଓ କାଜଲ



ଗୋଟିଏ ଖରାପ କାମ କରି ଯେପରି ଉତ୍ତମ ଫଳ ଆଶା କରାଯାଇ ନପାରେ, ସେହିପରି ଗୋଟିଏ ଉତ୍ତମ କାମ କରି ମନ୍ଦଫଳ ପାଇବାର ଆଶଙ୍କା କରିବା ଉଚିତ ନୁହେଁ। ଲେମ୍ବୁ ମଞ୍ଜି ପୋତି ଆମ୍ବଗଛ ଆଶା କରିପାରିବ କି ? ସବୁ ଧର୍ମ ଓ ସବୁ ରୂପର ସମ୍ପର୍କ ପରମାତ୍ମାଙ୍କ ସହିତ। ମଣିଷ ଯେତେ ସବୁ ମୂର୍ତ୍ତିପୂଜା କରେ, ସମସ୍ତଙ୍କ ମଧ୍ୟରେ ପରମାତ୍ମା ବିରାଜିତ। ଏ ସମଗ୍ର ସଂସାର ଭିତରେ ବହୁ ପ୍ରକାରର ଜୀବ ଅଛନ୍ତି। ମାତ୍ର ଏ ସମସ୍ତଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ। ଆହାର ଓ ବିହାର ସବୁ ପ୍ରାଣୀଙ୍କ ମଧ୍ୟରେ ସାଧାରଣ ଗୁଣ, ମାତ୍ର ମନୁଷ୍ୟ ଠାରେ ଦୁଇଟି ବିଶେଷ ଗୁଣ ଅଛି। ସେ ଦୁଇଟି କେଲା ଧର୍ମ ଓ ଜ୍ଞାନ। ଏ ଦୁଇଟି ବିନା ମଣିଷ ପଶୁ ସହ ସମାନ। ସେଥିପାଇଁ ମଣିଷର କର୍ତ୍ତବ୍ୟ ହେଲା ଧର୍ମ କ'ଣ ତାହା ବୁଝିବା। ସାମାଜିକ ଓ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଧର୍ମ ମନୁଷ୍ୟକୁ କିଛି ନିର୍ଦ୍ଦିଷ୍ଟ ଆଚରଣ ବିଧି ଶିଖାଏ, କିଛି ନିର୍ଦ୍ଦିଷ୍ଟ ବିଧି ନିଷେଧ ବଢ଼ାଏ। ଯେଉଁମାନେ ଧର୍ମର ଅନିଷ୍ଟ କରିବାକୁ ଚେଷ୍ଟା କରନ୍ତି, ଧର୍ମ ସେମାନଙ୍କର ଅନିଷ୍ଟ କରିବାକୁ ମଧ୍ୟ ସମର୍ଥ। ସେହିପରି ଯେଉଁମାନେ ଧର୍ମ ମାର୍ଗରେ ଜୀବନ କଟାନ୍ତି ଧର୍ମ ସେମାନଙ୍କର ରକ୍ଷା କରିବାକୁ ସମର୍ଥ। ଧର୍ମର ଆଉ ଗୋଟିଏ ମହତ ଗୁଣ ହେଲା, ଧର୍ମ ଯେଉଁଠି ବିଜୟ ସେଇଠି ଥାଏ। ଏ ଦେଶରେ ବହୁ ପଣ୍ଡିତ ବିଦ୍ୱାନ ଲୋକ ଧର୍ମ ଶବ୍ଦଟିର ଅନେକ ବ୍ୟାଖ୍ୟା କରିଛନ୍ତି। ଯୁଗ ଯୁଗ ଧରି ଏ ଦେଶ ଧର୍ମର ରଜ୍ଜୁ ଦ୍ୱାରା ଏପରି ବନ୍ଧା ହୋଇ ରହିଛି ଯେ, ଧର୍ମ ସମ୍ବନ୍ଧରେ ଏ ଦେଶ ଅନ୍ୟ ସବୁ ଦେଶର ଆଦର୍ଶ ଭାବରେ ଠିଆ ହୋଇ ରହିଛି। ବହୁ ଅର୍ଥ ଯୁକ୍ତ ଏହି ଶବ୍ଦଟିକୁ ଆଜିକାଲି କେବଳ ଗୋଟିଏ ଶବ୍ଦରେ ବର୍ଣ୍ଣନା କରାଯାଉଛି ତାହା ହେଲା ବର୍ତ୍ତବ୍ୟ। ମାତ୍ର ଧର୍ମ ଅର୍ଥ କର୍ତ୍ତବ୍ୟ ନୁହେଁ। କର୍ତ୍ତବ୍ୟ ଜଣେ ବ୍ୟକ୍ତି ଗୋଟିଏ ଅବସ୍ଥା, ଗୋଟିଏ ଦେଶ ବା କାଳ ସହିତ ସଂପୃକ୍ତ। ମାତ୍ର ଧର୍ମ ଅନାଦି, ଅନନ୍ତ, ଏହାସବୁ ପ୍ରାଣୀଙ୍କ ପାଇଁ ସର୍ବତ୍ର ସମାନ। ଏହା ଅନ୍ତରାତ୍ମାର ତାତ୍ପର୍ଯ୍ୟ ବହନ କରେ। ଧର୍ମର ଜନ୍ମସ୍ଥାନ ହୃଦୟ। ହୃଦୟରୁ ନିର୍ଗତ ନିର୍ମଳ ଭାବନାଟିଏ କର୍ମରେ ରୂପାନ୍ତରିତ ହେଲେ ତାହା ଧର୍ମର ନାମ ବହନ କରେ। ତୁମ୍ଭେମାନେ ବୁଝିଲା ଭଳି କହିଲେ, ଧର୍ମ ହେଲା, ଅନ୍ୟମାନଙ୍କ ଠାରୁ ତୁମେ ଯେପରି ବ୍ୟବହାର ଆଶା କରୁଛ, ସେମାନଙ୍କୁ ସେହିପରି ବ୍ୟବହାର ଦେଖାଅ। ଅନ୍ୟମାନଙ୍କୁ କଷ୍ଟ ହେଲାଭଳି କର୍ମ ନକରିବା ହିଁ ଧର୍ମ। ଅନ୍ୟ କିଏ ତୁମ ସୁଖ ଦେଲେ ତୁମେ ମଧ୍ୟ ଏପରି କର୍ମ କରିବା ଉଚିତ ଯାହା ତାକୁ ସୁଖ ପ୍ରଦାନ କରିବ। ଅନ୍ୟମାନେ ତୁମର ଦୁଃଖ କଷ୍ଟର କାରଣ ହେଲେ ତୁମେ ବି ସେମାନଙ୍କ ଦୁଃଖ-କଷ୍ଟର କାରଣ ହେବା ଅଧର୍ମ।

ବେଳେ ବେଳେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦୁଷ୍କର୍ମ କରୁଥିବା ଲୋକଙ୍କୁ କଠୋର ଭାବରେ ତିରସ୍କାର କରିବାକୁ ପଡ଼େ ତାର ସଂସ୍କାର ନିମନ୍ତେ। ବେଳେବେଳେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଛୁରୀ ବ୍ୟବହାର କରୁଥିବା ଲୋକ ଅତ୍ୟନ୍ତ କ୍ରୁର ଏବଂ ଅଧର୍ମୀ ବୋଲି କୁହାଯାଇ ପାରିବ ନାହିଁ। ଜଣେ ସର୍ଜନ ହୃଦରୋଗୀକୁ ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ଛୁରୀ ବ୍ୟବହାର କରିଥାଏ। ଏହା କ୍ରୂରତାର ଚିହ୍ନ, ନା ମିତ୍ରତାର ଚିହ୍ନ ? କିଛି ଅସତ୍ୟ କାମ କଲେ ତାହା ଅଧର୍ମ ହେବ, ମାତ୍ର ଯାହା ପ୍ରେମର ସହ କରାଯାଏ ତାହା ଅଧର୍ମ ନୁହେଁ। ସମଗ୍ର ଆଇନ ବ୍ୟବସ୍ଥା, ନୀତି ବ୍ୟବସ୍ଥା ପ୍ରେମ ଉପରେ ଆଧାରିତ। ଉଦାହରଣ ସ୍ୱରୂପ ପିଲାଟିଏ ଯଦି ଦୁଷ୍କର୍ମ କରେ, ଆଉ ତାର ମାଆ ସେଥିପାଇଁ ତାକୁ ପିଟେ, ଏହାକୁ କଣ କ୍ରୁରତା ଓ ଅଧର୍ମ କହିବ ? ଧର୍ମ ଅନେକ ପ୍ରକାରର। କାଳଧର୍ମ, ସଂସାର ଧର୍ମ, ହୃଦୟ ଧର୍ମ, ଗୋଷ୍ଠୀଧର୍ମ, ଆଦି ନାନା ରକମର ଧର୍ମ ଅଛି। ଏସବୁ ଧର୍ମର ସମାହାର ହେଉଛି ସନାତନ ଧର୍ମ। ଏହି ଦୃଷ୍ଟିରୁ କହିବା ସମ୍ଭବ ଯେ ସବୁ ଧର୍ମ ଓ ସବୁ ରୂପ ପରମେଶ୍ୱରଙ୍କର। କୌଣସି ଧର୍ମ ତୁମକୁ ପିତାମାତାଙ୍କୁ ଅଶ୍ରଦ୍ଧା କରିବା, ଶିକ୍ଷକଙ୍କର ଅସମ୍ମାନ



କରିବା ଶିଖାଏ ନାହିଁ। କୌଣସି ଧର୍ମ ମଣିଷକୁ ମିଛ କହିବା ଶିଖାଏ ନାହିଁ। ସବୁ ଧର୍ମ ମଧ୍ୟରେ ସମାନ କିଛି ସାଧାରଣ ଉପଦେଶ ରହିଛି, ଯାହା ସମସ୍ତଙ୍କ ପାଇଁ ଭଲ। କିନ୍ତୁ ବର୍ତ୍ତମାନ ଏହି ସାଧାରଣ ସତ୍ୟକୁ ଲୋକେ ଉପେକ୍ଷା କରି କୌଣସି ଧର୍ମରେ ନଥିବା ନୀତି ପ୍ରତି ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଅଧର୍ମର ପ୍ରାଦୁର୍ଭାବ ଏତେ ବଢ଼ିଯାଇଛି। ଯଦି ଆପଣା ଧର୍ମରେ ଦୃଢ଼ ବିଶ୍ୱାସ ରଖି ଲୋକେ ଆପଣା ଧର୍ମ ପାଳନ କରିବାରେ ମନ ଦିଅନ୍ତେ। ତେବେ ଏତେ ବାଦ ବିସମ୍ବାଦ ଜାତ ହୁଅନ୍ତା ନାହିଁ, କିମ୍ବା ଲୋକେ ଏପରି ଅସଭ୍ୟ ଆଚରଣ ଦେଖାନ୍ତେ ନାହିଁ। ଆପଣା ଧର୍ମରେ ବିଶ୍ୱାସ ଅଛି ବୋଲି ଚିତ୍କାର କରି ଯଦି ତୁମେ ଧର୍ମ ବିରୁଦ୍ଧ ଆଚରଣ କରିବ ତେବେ ଅନ୍ୟାନ୍ୟ ଧର୍ମରେ ତୁମର କି ବିଶ୍ୱାସ ରହିବ ତାହା ବୁଜିବାକୁ ଆଉ ବାକି ରହିବ ନାହିଁ। ଧର୍ମରେ ଯଦି ପ୍ରକୃତ ବିଶ୍ୱାସ ଅଛି, ତେବେ ଧର୍ମ ବିରୁଦ୍ଧ ଆଚରଣ କରିବ କିପରି ? ମୁହଁର କଥା ଓ ଆଚରଣ ମଧ୍ୟରେ ବିରୋଧ ରହିବା ଅର୍ଥ ଧର୍ମକୁ କେବଳ ଗୋଟାଏ ଗୋପାଳ ବୋଲି ଯାହାସବୁ କହନ୍ତି ସେ ସବୁ କେବଳ ମୁହଁର କଥା, ହୃଦୟ ଭିତରେ ଏଥିରୁ ଏତେ ଟିକେ ବି ନାହିଁ। ତୀର୍ଥକ୍ଷେତ୍ରକୁ ଗଲେ ମନ୍ଦିର ବା ଉପାସନା କ୍ଷେତ୍ରକୁ ଗଲେ ଲୋକେ ଯେତେ ଭକ୍ତି ଓ ବିଶ୍ୱାସ ଦେଖାନ୍ତି ସେ ସବୁ ସେଠାରୁ ଫେରି ଆସିଲାବେଳେ ସେଠାରେ ହିଁ ଛାଡ଼ି ଦେଇ ଆସନ୍ତି। ଏମାନଙ୍କ ପାଇଁ ଗୀତାରେ ଗୋଟିଏ ଉପଦେଶ ଅଛି ସତତଂ ଯୋଗିନଃ ଅର୍ଥାତ୍ ନିରନ୍ତର ଯୋଗସ୍ଥ ହୋଇ ରହ, ଭକ୍ତର ଭକ୍ତି ସତତ ରହୁ। ପୂଜା, ଜପ କଲାବେଳେ କେବଳ ଭକ୍ତି, ଅନ୍ୟ ସମୟରେ ସେ ସବୁ କିଛି ନାହିଁ। ସଦଗୁଣ ଓ ସଦାଚାର କେବଳ ଗୋଟିଏ ସମୟ ବା ସ୍ଥାନ ସହିତ ବନ୍ଧା ହୋଇ ରହିବା ଉଚିତ ନୁହେଁ, ଏହା ସାରା ଜୀବନରେ ନିରନ୍ତର ଅଭ୍ୟାସ କରିବା ଉଚିତ।

**ଶିଖରପୁର ଉପରସାହି,**
**କଟକ,**
**ଦୂରଭାଷ : ୮୨୮୦୯୬୩୨୮୩**


### ଏହି ସପ୍ତାହ, ସେହି ବର୍ଷ (ଫେବୃଆରୀ ୨୨-୨୮)

**ଏଇ ସପ୍ତାହ**


ଫେବୃଆରୀ ୨୨, ୧୯୩୫- ହ୍ୱାଇଟ୍ ହାଉସ୍ ଉପରେ ଉଡ଼ାଜାହାଜଗୁଡ଼ିକର ଉଡ଼ାଣ ଉପରେ ପ୍ରତିବନ୍ଧ ଲଗାଯାଇଥିଲା।




ଫେବୃଆରୀ ୨୩, ୨୦୧୦-ଦେଶର ପ୍ରସିଦ୍ଧ ଚିତ୍ରକର ଏମ୍‌ଏଫ୍ ହୁସେନଙ୍କୁ କତର ଦେଶର ନାଗରିକତା ପ୍ରଦାନ କରାଯାଇଥିଲା।




ଫେବୃଆରୀ ୨୪, ୧୮୮୨- ସଂକ୍ରାମକ ରୋଗ ଟିବିର ଚିହ୍ନଟ ହୋଇଥିଲା।



ଫେବୃଆରୀ ୨୫, ୨୦୦୬- ଦୀପା ମେହେତାଙ୍କ ଫିଲ୍ମ 'ୱାଟର୍'କୁ ଗୋଲ୍ଡେନ କିନ୍ନାରୀ ପୁରସ୍କାର ପ୍ରଦାନ କରାଯାଇଥିଲା।




ଫେବୃଆରୀ ୨୬, ୧୯୭୫- ଅହମଦାବାଦ ଠାରେ ଦେଶର ପ୍ରଥମ ପତଙ୍ଗ (ଗୁଡ଼ି) ସଂଗ୍ରହାଳୟର ଉଦ୍‌ଘାଟନ ହୋଇଥିଲା।



ଫେବୃଆରୀ ୨୭, ୧୯୫୬-ମିସ୍ରରେ ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ମିଳିଥିଲା।




ଫେବୃଆରୀ ୨୮, ୧୮୧୯- ସାର୍ ଷ୍ଟାମ୍‌ଫୋର୍ଡ ରାଫଲ୍ସ ସିଙ୍ଗାପୁରର ଅନ୍ୱେଷଣ କରିଥିଲେ।



# ମହାପ୍ରଭୁଙ୍କ ଶ୍ରଦ୍ଧାର ଶ୍ରାଦ୍ଧବସ୍ତ୍ର ଓ ବେଶ

କବୀର କୁମାର ଜେନା





ମହାପ୍ରଭୁଙ୍କ ନୀତି ଅପୂର୍ବ, ମହିମା, ଅପୂର୍ବ। କୃପାମୟ ମହାପ୍ରଭୁଙ୍କ ବର୍ଷ ତମାମ ବାର ମାସରେ ତେଣ ଯାତ୍ରା। ଏହା ସହିତ ଅନେକ ପର୍ବପର୍ବାଣୀ ଓ ଛୋଟମୋଟ ଉପଯାତ୍ରାକୁ ମିଶାଇ ଦେଲେ ଏହା ତେରରେ ଆଉ ସୀମିତ ରହିବ ନାହିଁ। ସେହିପରି ମହାପ୍ରଭୁଙ୍କ ଅପୂର୍ବ ଓ ଚମତ୍କାର ନୀତିକାନ୍ତି ଭିତରେ ଯେଉଁ ବେଶ ବ୍ୟବସ୍ଥା ରହିଛି ତାହା ଶ୍ରୀମନ୍ଦିରର ସ୍ୱତ୍ୱଲିପିର ତଥ୍ୟ ଅନୁଯାୟୀ ସଂଖ୍ୟା ୨୪ ହେଉଥିଲେ ମଧ୍ୟ କିନ୍ତୁ ବିଭିନ୍ନ ସାମୟିକ ଓ ସ୍ୱତନ୍ତ୍ର ବେଶ ବ୍ୟବସ୍ଥାକୁ ଦେଖିଲେ ଏହାର ସଂଖ୍ୟା ମଧ୍ୟ ଅନେକ ବେଶୀ। ବେଶ ସହିତ ଅଳଙ୍କାର, ଆୟୁଧ ଓ ବିଶେଷକରି ପୁଷ୍ପ ଅଳଙ୍କାରର ଅନନ୍ୟ ସ୍ୱତନ୍ତ୍ରତା ରହିଛି। ଶ୍ରୀମନ୍ଦିରରେ ନୀତିକାନ୍ତିର ବ୍ୟବସ୍ଥା ଅନୁଯାୟୀ ଅମାବାସ୍ୟା ତିଥି ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଓ ଶୁକ୍ଳ ପ୍ରତିପଦରେ ଦେବ ଦୀପାବଳୀ ନୀତି ଅନୁଷ୍ଠିତ ହୋଇଥାଏ। ଏ ସମ୍ବନ୍ଧରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗବେଷକ ଅସୀତ ମହାନ୍ତି ତାଙ୍କ 'ଅନନ୍ୟ ଶ୍ରୀମନ୍ଦିର'ରେ ଉଲ୍ଲେଖ କରିଛନ୍ତି। ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ କହିଛନ୍ତି - ମାନବଲୀଳା ସଂପନ୍ନ କରିବା ପାଇଁ ଶ୍ରୀ ଈଶ ବା ଲକ୍ଷ୍ମୀପତି ଶ୍ରୀଜଗନ୍ନାଥ ଏଠାରେ ଦାରୁ ରୂପରେ ଆବିର୍ଭୂତ ହୋଇଛନ୍ତି। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ। ବ୍ରହ୍ମଙ୍କର ପ୍ରତିମା ନଥାଏ, କି ତାଙ୍କର ପିତା, ମାତା, ପିତାମହ, ପତ୍ନୀ ଆଦି କେହି ନଥାନ୍ତି। କିନ୍ତୁ ଦାରୁ ରୂପେ ସେ ମାନବଲୀଳା ସଂପନ୍ନ କରୁଥିବାରୁ ତାଙ୍କର ପିତା, ମାତା, ପତ୍ନୀ, ଭ୍ରାତା, ଭଗ୍ନୀ ଓ ସ୍ୱଜନ ଆଦି ଅଛନ୍ତି। ଏ ସବୁକୁ ନେଇ ତାଙ୍କର ବିରାଟ ପରିବାର। ଏଣୁ ଗୃହସ୍ଥ ଭାବରେ ମଧ୍ୟ ସେ ନିଜର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି।

ମନୁସ୍ମୃତିରେ ଗୃହସ୍ତଙ୍କର ପରମ କର୍ତ୍ତବ୍ୟ କ'ଣ ତାହା ବର୍ଣ୍ଣିତ ହୋଇଛି। ତାହା ହେଉଛି 'ଅଧ୍ୟାପନଂ ବ୍ରହ୍ମଯଜ୍ଞ, ପିତୃ ଯଜ୍ଞୋସ୍ତୁ ତର୍ପଣମ୍। ହୋମୋନୈବୋ ବଳିର୍ଭୂତୋ, ନୃଯଜ୍ଞାତିଥିପୂଜନମ୍।' ଅର୍ଥାତ୍ ଶାସ୍ତ୍ର ଅଧ୍ୟୟନ ବା ଶାସ୍ତ୍ରଶିକ୍ଷା, ବ୍ରହ୍ମଯଜ୍ଞ, ପିତୃଯଜ୍ଞ, ତର୍ପଣ, ଦେବଯଜ୍ଞ, ଭୂତଯଜ୍ଞ, ନୃଯଜ୍ଞ ଓ ଅତିଥି ପୂଜନ ଆଦି ଗୃହସ୍ଥଙ୍କର ପରମ କର୍ତ୍ତବ୍ୟ। ଏଣୁ ଶ୍ରୀଜଗନ୍ନାଥ ସ୍ୱୟଂ ଦାରୁବ୍ରହ୍ମ ହେଲେ ମଧ୍ୟ, ଗୃହସ୍ଥ ଭାବରେ ସେ ନିଜର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି। ଦେବଦୀପାବଳିରେ ଦୀପଦାନ ଏହାର ଏକ ନିଦର୍ଶନ।

ଏହି ସ୍ତମ୍ଭର ଏକ ପୂର୍ବ ଅଧ୍ୟାୟ ଚାଉଳଗଛରେ ଘିଅଦୀପରେ ଏ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି। ତେବେ ଏଠାରେ ସୂଚନାଯୋଗ୍ୟ ଯେ ଦେବଦୀପାବଳିର ଏହି ତିନିଦିନରେ ଶ୍ରୀଜଗନ୍ନାଥ ତାଙ୍କର ବିଜେ ପ୍ରତିମା ଶ୍ରୀମଦନମୋହନ ଏବଂ ଦୁଇ ପତ୍ନୀ ଶ୍ରୀଦେବୀ ଓ ଭୂଦେବୀଙ୍କ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଠାରେ ନିଜର ବିଭିନ୍ନ ଯୁଗର ପିତାମାତାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥାଆନ୍ତି। ଏହି ପିତାମାତା ମାନଙ୍କ ମଧ୍ୟରେ ସତ୍ୟଯୁଗର କଶ୍ୟପ ଓ ଅଦିତି ଅନ୍ତର୍ଭୁକ୍ତ, ଯେ ତାଙ୍କର ବାମନାବତାରର ପିତାମାତା। ସେହିପରି ତାଙ୍କର ତ୍ରେତାଯୁଗର ଶ୍ରୀରାମ ଅବତାରର ପିତାମାତା ହେଉଛନ୍ତି ଦଶରଥ ଓ କୌଶଲ୍ୟା। ପ୍ରଥମ ଦୁଇଦିନ ଏହି ଦୁଇ ଯୁଗର ପିତାମାତାଙ୍କୁ ଦୀପଦାନ କରିବା ପରେ ଦେବ ଦୀପାବଳିର ଶେଷ ଦିନ ସେ ତାଙ୍କର ଦ୍ୱାପର ଯୁଗର ପୂର୍ଣ୍ଣବତାର ଶ୍ରୀକୃଷ୍ଣଙ୍କର ଜନ୍ମଦାତା ପିତାମାତା ବସୁଦେବ ଓ ଦେବକୀ ଏବଂ ତାଙ୍କର ପାଳକ ପିତାମାତା ନନ୍ଦ ଓ ଯଶୋଦାଙ୍କୁ ଦୀପଦାନ କରିଥାଆନ୍ତି।

ସେହିପରି, କଳିଯୁଗର ପିତାମାତା ରୂପେ କଥିତ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ମଧ୍ୟ ଦୀପଦାନ କରିଥାଆନ୍ତି। କୌଣସି ଶାସ୍ତ୍ରୋଲ୍ଲେଖ ନଥିଲେ ମଧ୍ୟ, ପରମ୍ପରାକ୍ରମେ ଏହା ସ୍ୱୀକୃତ ହୋଇ ଆସିଛି। ତେବେ ଏଡି ଦେବଦୀପାବଳି ଅବସରରେ ଶ୍ରୀଜଗନ୍ନାଥଙ୍କର ବେଶ ଓ ବସ୍ତ୍ରର ବିଶେଷ ସ୍ୱତନ୍ତ୍ରତା ରହିଥାଏ। ଗୃହସ୍ଥ ଶ୍ରାଦ୍ଧଦାନ କରିବା ସମୟରେ ଯେପରି ଶୁକ୍ଳବସ୍ତ୍ର ପରିଧାନ କରିଥାଆନ୍ତି ଏବଂ ତାଙ୍କର ପରିଧାନରେ ଯେପରି କୌଣସି ଐଶ୍ୱର୍ଯ୍ୟ ନଥାଏ, ସେହିପରି ଏହି ବେଶ। ଏଣୁ ଏହାକୁ ସାଦାବେଶ ମଧ୍ୟ କୁହାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥାଦି ଦେବତା ନାଗପୁରୀ ଶାଢ଼ି ଓ ଉତ୍ତରୀୟ ପରିଧାନ କରିଥାଆନ୍ତି। ଏହି ବସ୍ତ୍ରର ବର୍ଣ୍ଣ ଶୁକ୍ଳ। ମାତ୍ର ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ଓ ବିଶେଷତ୍ୱ ସହ ସମ୍ପର୍କ ରକ୍ଷା କରି, ଶ୍ରୀଜଗନ୍ନାଥ ପରିଧାନ କରିଥିବା ବସ୍ତ୍ରର ଧଡ଼ିର ରଙ୍ଗ ଲାଲ, ଶ୍ରୀବଳଭଦ୍ର ପରିଧାନ କରିଥିବା ବସ୍ତ୍ରର ଧଡ଼ିର ରଙ୍ଗ କଳା ଓ ଦେବୀ ସୁଭଦ୍ରା ପରିଧାନ କରିଥିବା ବସ୍ତ୍ରର ଧଡ଼ିର ରଙ୍ଗ ହଳଦି ହୋଇଥାଏ। ଏହା ଶ୍ରୀମନ୍ଦିରର ଏକ ଅନନ୍ୟତା। ମହାପ୍ରଭୁଙ୍କ ଅନନ୍ୟ ଏହି ଶ୍ରାଦ୍ଧବେଶ ଓ ଶ୍ରାଦ୍ଧ ବସ୍ତ୍ରର ଦର୍ଶନ ନିମିତ୍ତ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥାଏ। ମହାପ୍ରଭୁଙ୍କୁ ଏହି ଅନନ୍ୟ ଓ ଅପୂର୍ବ ବେଶରେ ଦର୍ଶନ କରି ଭକ୍ତଜନ କୃପା ପ୍ରାପ୍ତ ହୋଇଥାନ୍ତି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୯୧୭୩୭୭୯୮୭



# ମୁକ୍ତ ବାଣିଜ୍ୟ ରାଜିନାମା

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**



ଭାରତରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ମାଡ଼ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ଏହିପରି ଏକ ଆହ୍ୱାନ ଭରା ସମୟ ଭିତରେ ଭାରତ ଓ ବ୍ରିଟେନ ମଧ୍ୟରେ ସ୍ୱାକ୍ଷର ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା। ଦେଶର ବିଭିନ୍ନ କ୍ଷେତ୍ର ଓ ଅଞ୍ଚଳରେ ସମ୍ଭାବନାରେ ନୂତନ ଦ୍ୱାର ଖୋଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସବୁଠାରୁ ବଡ଼ କଥା ହେଲା ଏହାର ବଡ଼ ଲାଭାର୍ଥ ପାଲଟିବାକୁ ଯାଉଛି ଆମ ରାଜ୍ୟ ଓଡ଼ିଶା। ସ୍ଥାୟୀ ବିକାଶ ଏବଂ ଆଖି ଦୃଶିଆ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପଥ ପ୍ରସ୍ତୁତ କରୁଥିବା ଓଡ଼ିଶା ପାଇଁ ଏହି ଏଫ୍‌ଟିଏ ଶିଳ୍ପ ବିକାଶ, ବିଶ୍ୱ ସମନ୍ୱୟ ଏବଂ ଦକ୍ଷତା ବିକାଶ ଉତପ୍ରେରକ ହେବ। ୨୦୦୦୦ ପୃଷ୍ଠା ଏବଂ ଅଗଣିତ ଅଧ୍ୟାୟ ବିଶିଷ୍ଟ ଏହି ରାଜିନାମା ବାଣିଜ୍ୟିକ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବା ସହ ନିୟମାବଳୀକୁ ସରଳ କରିବ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗିତାକୁ ମଜଭୁତ କରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପକୁ ଏହି ଏଫ୍‌ଟିଏର ସର୍ବାଧିକ ଫାଇଦା ମିଳିବ।


ରାଜ୍ୟର ଦୃଢ଼ ଉତ୍ପାଦନ ଆଧାର ଏବଂ ରପ୍ତାନି କ୍ଷମତା ସତ୍ତ୍ୱେ ବ୍ରିଟେନ ବଜାରରେ ପ୍ରବେଶ ଏକା ନିୟାମକ ଜଟିଳତାରେ ପରିପୂର୍ଣ୍ଣ ରହିଥିଲା। ବିଗତ ଦିନରେ ୟୁକେକୁ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ଅତ୍ୟନ୍ତ କଷ୍ଟକର ହେଉଥିଲା। କିନ୍ତୁ ଏବେ ଏଫ୍‌ଟିଏ ଦ୍ୱାରା ଏସବୁ ଦୂର ହୋଇଯିବ। ବ୍ରିଟେନ ବଜାରରେ ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ପ୍ରବେଶ ସହଜ ହେବ। ବାଧକ ହ୍ରାସ ଏବଂ ସେଠାକାର ବଜାରକୁ ବାଟ ପରିଷ୍କାର ହେବା ଦ୍ୱାରା ୟୁକେ ବଜାରରେ ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପର ଉପସ୍ଥିତି ବୃଦ୍ଧି ପାଇବ। ଏହି ରାଜିନାମାର ବଡ଼ ବିଜେତା ହେଉଛି ସାମୁଦ୍ରିକ ଖାଦ୍ୟ ଶିଳ୍ପ। ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପ ହେଉଛି ବିଶାଳ। ଏଣୁ ରାଜ୍ୟକୁ ମିଳିବ ବଡ଼ ଫାଇଦା।

ଓଡ଼ିଶାର ସ୍ପନ୍ଦନଶୀଳ ଏମ୍‌ଏସ୍‌ଏମ୍‌ଇ ଇକୋଷ୍ଟିମ ପାଇଁ ବି ଏ ରାଜିନାମା ବିପୁଳ ସମ୍ଭାବନା ସୃଷ୍ଟି କରିବ। ବିଶ୍ୱ ଦରବାରରେ ଓଡ଼ିଶାର ହସ୍ତଶିଳ୍ପ ଏବଂ ସୃଜନଶୀଳ ଶିଳ୍ପର ଖ୍ୟାତି ରହିଛି। ପିପିଲି ଚାନ୍ଦୁଆ ଠାରୁ ବରଗଡ଼ର ଟସର ଶାଢ଼ୀ, ମାଣିଆବନ୍ଧର ପାଟ ଶାଢ଼ୀ ଠାରୁ ଶୁଖୁଆପଡ଼ାର ପଥର ସୃଜନ ଶିଳ୍ପ ସାମଗ୍ରୀ ବିଶ୍ୱର ଅନେକ ଦେଶରେ ପହଞ୍ଚି ପାରିଛି। ୟୁକେକୁ ରପ୍ତାନିରେ ଶୂନ ଶୁଳ୍କ ଓଡ଼ିଆ ଉତ୍ପାଦଗୁଡ଼ିକର ପ୍ରତିସ୍ପର୍ଦ୍ଧା ବଢ଼ାଇବ। ଏସବୁ ସାମଗ୍ରୀରେ ଶୁଳ୍କ ଉଚ୍ଛେଦ ଦ୍ୱାରା ଏଗୁଡ଼ିକର ପ୍ରତିସ୍ପର୍ଦ୍ଧା ପୂର୍ବାପେକ୍ଷା ଅଧିକ ବଢ଼ିବ। ଫଳରେ ବୁଣାକାର, ଶିଳ୍ପ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ମିଳିବ ସିଧାସଳଖ ଲାଭ। ଅନ୍ତର୍ଜାତୀୟ ବଜାରରେ ପହଞ୍ଚ ବୃଦ୍ଧି ଯେଉଁ ଏମାନଙ୍କ ଜୀବନ ମାନରେ ଆସିବ ଉନ୍ନତି। ପାରମ୍ପରିକ ସାମଗ୍ରୀ ସହିତ ଏଫ୍‌ଟିଏ ମଧ୍ୟ ଅତ୍ୟାଧୁନିକ ଏବଂ ଭବିଷ୍ୟତମୁଖୀ କ୍ଷେତ୍ର ଗୁଡ଼ିକ ପାଇଁ ନୂଆ ସମ୍ଭାବନା ଆଣିଛି। ଯେହେତୁ ଓଡ଼ିଶାରେ ଏକ ବିରଳ ଖଣିଜ କରିଡ଼ର ହେବାକୁ ଯାଉଛି ଏ ରାଜି ନାମା ଦୁଇ ଦେଶ ମଧ୍ୟରେ ସହଯୋଗିତା ପାଇଁ ବାଟ ସୃଷ୍ଟି କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଫ୍‌ଟିଏର ପ୍ରଭାବ କେବଳ ସାମଗ୍ରୀ ଏବଂ ଶିଳ୍ପ ମଧ୍ୟରେ ସୀମିତ ନାହିଁ। ଏହା ମଧ୍ୟ ଅର୍ଥନୈତିକ ସହଯୋଗିତାରେ ନାଗରିକ ଏବଂ ସେବାକୁ ସ୍ଥାନିତ କରିଛି। ଓଡ଼ିଶା ଯେପରି ଏହି ରାଜିନାମାରୁ ସୃଷ୍ଟି ହେବାକୁ ଥିବା ସମ୍ଭାବାନର ପୂର୍ଣ୍ଣ ଲାଭ ଉଠାଇ ପାରିବ, ସେଥିପାଇଁ ବ୍ରିଟେନ ରାଜ୍ୟରେ ଦକ୍ଷତା ବିକାଶ ଏବଂ କ୍ଷମତା ନିର୍ମାଣ ପଦକ୍ଷେପରେ ବି ଆଗକୁ ବଢ଼ିଛି। ଏଥିପାଇଁ ସର୍ବପ୍ରଥମେ, ଭୁବନେଶ୍ୱରରେ ଏକ କେମ୍ବ୍ରିଜ ଆସେସମେଣ୍ଟ ସେଣ୍ଟର ସ୍ଥାପନ କରାଯିବ। ଏହା ବିଶ୍ୱସ୍ତରରେ ମାନ୍ୟତା ପ୍ରାପ୍ତ ଇଂରାଜୀ ଭାଷା ପ୍ରମାଣନ ପ୍ରଦାନ କରିବ। ବିଶେଷ କରି ମହିଳା ଏବଂ ଗ୍ରାମୀଣ ସମୁଦାୟଙ୍କ ମଧ୍ୟରେ କମ୍ୟୁନିକେଶନ ଏବଂ ଧନ୍ଦାମୂଳକ ଦକ୍ଷତାକୁ ମଜଭୁତ କରି ଏହି ପଦକ୍ଷେପ ଅନ୍ତରାଷ୍ଟ୍ରୀୟ ପ୍ରଯୁକ୍ତି ଏବଂ ସେବା କ୍ଷେତ୍ର ନିବେଶ ପାଇଁ ଓଡ଼ିଶାକୁ ଏକ ଉପଯୁକ୍ତ ସ୍ଥଳ ଭାବେ ପ୍ରସ୍ତୁତ କରିବ।

ଏହି ଏଫ୍‌ଟିଏ ଦ୍ୱାରା ସ୍ୱଚ୍ଛ ଶକ୍ତି ଏବଂ ନିରନ୍ତର ବିକାଶକୁ ବି ବଳ ମିଳିବ। ଭୁବନେଶ୍ୱରରେ ନେଟ ଜିରୋ ପ୍ଲାନିଂ ଏବଂ ସ୍ଥାୟୀ ସହରାଞ୍ଚଳ ପରିବହନ ସମାଧାନ ଉପରେ ପୂର୍ବରୁ ହିଁ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରୁଛି ୟୁକେ। ଆଇଏମ୍‌ଏଟି ଭଳି ଏକ ଗ୍ରୀନ ଇଞ୍ଜିନିୟର ଆକ୍ରିଡେସନ ପ୍ରତିଷ୍ଠାନ ଆସିବା ଦ୍ୱାରା ଓଡ଼ିଶାର ସବୁଜ କାର୍ଯ୍ୟଶକ୍ତିଙ୍କ ପେସାଦାର ମନୋଭାବ ବଢ଼ିବ। ଏକତ୍ର ଭାବେ ଏସବୁ ଉଦ୍ୟମ ନିଶ୍ଚିତ କରିବ ଯେ, ରାଜ୍ୟର ଶିଳ୍ପ ଏବଂ ସହରାଞ୍ଚଳ ଅଭିବୃଦ୍ଧି ବିଶ୍ୱ ଜଳବାୟୁ ପ୍ରତିବଦ୍ଧତା ସହ ସମାନ୍ତରାଳ ରହିବ। ଭାରତ ଏବଂ ୟୁକେ ସହଯୋଗିତା ଦ୍ୱାରା ରାଜ୍ୟରେ ଅର୍ଥନୈତିକ ବିକାଶର ଏକ ନୂଆ ଅଧ୍ୟାୟ ଦେଖିବାକୁ ମିଳିବ। ଆଗାମୀ ଦଶନ୍ଧିରେ ଏହି ରାଜ୍ୟ ଆକର୍ଷଣୀୟ ଅଭିବୃଦ୍ଧି ନେଇ ବଢ଼ିବ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨**



ଅପେରା ଆଇଟମ୍
ଶ୍ରୀଗୋବିନ୍ଦ



ରଙ୍ଗମଞ୍ଚ ଡ଼ାକେ ଆ...ଆ..

# କୁହୁକତୁରୀ ନାଟକ ଅଷ୍ଟମ ଶ୍ରେଣୀରେ ଆକାଶବାଣୀରେ ବାଜିଥିଲା।

## ବିଜୟ ଦାସ



**ନିରବରେ କାହିଁକି କେତେ ବେଳେ ଯେ ରଙ୍ଗମଞ୍ଚ ମୋତେ ଡାକିଲା ମୁଁ ଶୁଣି ପାରିଲିନି ସିନା, ହେଲେ ପରେ ପରେ ଜାଣିପାରିଲି ଯେ ମୁଁ ତା' ମାୟାରେ ପଡ଼ିଯାଇଛି। ଯେ ଏକ ମୋହଗ୍ରସ୍ତ ଅବସ୍ଥା। ପିଲାବେଳେ ମୋର ବୟସ ସାତ କି ଆଠ ସମୟରେ ବାପାଙ୍କର ଏକ ନିର୍ଦ୍ଦେଶିତ ନାଟକରେ ବୀଣାପାଣି କଲ୍‌ଚରାଲ୍ ଏସୋସିଏସନ୍, କୋରୁଆ ରଙ୍ଗମଞ୍ଚରେ ଶିଶୁ କଳାକାରର ଭୂମିକା ମିଳିଲା। ସେଥିରେ ଗୋଟିଏ ନୃତ୍ୟ ମଧ କରିବାର ଥିଲା 'ମହକିଲା ବଣମଲ୍ଲୀ ...' ଗୀତର ତାଳେ ତାଳେ। ମୁଁ ପୁଣି ନୃତ୍ୟ। ଅସମ୍ଭବ ଲାଗୁଥିଲା ତ ମାୟାଧର ମାଷ୍ଟ୍ରେଙ୍କ ଛାଟରେ ଅଳ୍ପ ଅଳ୍ପ ହେଲା। ଏହା ମୋର ରଙ୍ଗମଞ୍ଚରେ ପ୍ରଥମ ପାହାଚ। ସେତେବେଳକୁ ମୁଁ ଶିଶୁ କବିତା ଲେଖି ଓଡ଼ିଶାରେ ପୁରସ୍କାର ପାଇସାରିଥାଏ ବାର-ମଜା ତରଫରୁ ପ୍ରଥମ ପୁରସ୍କାର ଓ ମୋ ଦେଶ ତରଫରୁ ତୃତୀୟ ପୁରସ୍କାର ପାଇ ସାରିଥାଏ। କିନ୍ତୁ ନାଟକ କ୍ଷେତ୍ରରେ ପ୍ରବେଶ ଦ୍ୱାର ଥିଲା ମୋ ଗାଆଁ ରଙ୍ଗମଞ୍ଚ।**

ଅଷ୍ଟମ ଶ୍ରେଣୀରେ ମୋ ନାଟକ 'କୁହୁକତୁରୀ' କଟକ ଆକାଶବାଣୀରେ ପ୍ରଚାର ହେଲା ପରେ ମୋତେ ମୋ ସ୍କୁଲ ଓ ଓକରା ହାଇସ୍କୁଲ, ଅର୍ଦ୍ଧପାଳର ମଞ୍ଚରେ ନାଟକରେ ଅଭିନୟ କରିବାର ସୁଯୋଗ ପ୍ରାପ୍ତ ହେଲା। ହେଲେ ଖଳନାୟକର ଭୂମିକା କରୁ କରୁ କଣ୍ଠ ବସିଗଲା ଯେ ମୂକପରି ଭୂମିକାରେ ଅଭିନୟ କରିବାକୁ ପଡ଼ିଲା। କଲେଜ ଜୀବନ ଆରମ୍ଭରେ କଲେଜର ରଙ୍ଗମଞ୍ଚ ମୋ ଆ... ବୋଲି କହିଲା ନାହିଁ। ବାର୍ଷିକ ନାଟକ ଉତ୍ସବରେ ମୋତେ ନାଟ୍ୟ ସଂପାଦକ ଗୋଟିଏ ଛୋଟ ରୋଲ୍ ବି ଦେଲେ ନାହିଁ, କାରଣ ଆମେ ଗାଆଁରୁ ଆସିଥିଲୁ ବୋଲି। ପ୍ରକୃତରେ ମୋର ନାଟ୍ୟ ଜୀବନର ବଡ଼ ରଙ୍ଗମଞ୍ଚ, ପ୍ରିୟ ରଙ୍ଗମଞ୍ଚ ଓ ହୃଦୟର ରଙ୍ଗମଞ୍ଚ ହେଉଛି ଓ.ୟୁ.ଏ.ଟି. କୃଷି କଲେଜର ରଙ୍ଗମଞ୍ଚ। ପ୍ରଥମ ବର୍ଷ ସ୍ୱାଗତ ଉତ୍ସବରେ ସାଙ୍ଗମାନଙ୍କୁ ସହପାଠୀମାନଙ୍କୁ ନେଇ ଛୋଟ ନାଟକଟି କଲି। ତାହା ଥିଲା ଅଥଃରହସ୍ୟମ୍। ସେଥିରେ ନିଜେ ନିର୍ଦ୍ଦେଶନା ରଚନା ସହ ଅଭିନୟ ବି କଲି।

ଏହା ଉଚ୍ଚୋକୋଟୀର ହେଲା ବୋଲି ଦର୍ଶକ କହିଲେ। ଏହା ପରେ ଅନେକ ନାଟକ ଲେଖା ହେଲା, ମଞ୍ଚସ୍ଥ ହେଲା। ଯେପରିକି କଙ୍ଗାରୁ, ଏକ୍ ଦୁଇ ତିନ୍, ଧୂଆଁରୁ ଅନ୍ଧାର ଇତ୍ୟାଦି। ଶେଷବର୍ଷର ନାଟକ, ଯାହାକି ବାର୍ଷିକ ନାଟକ ଉତ୍ସବରେ 'ନିଷିଦ୍ଧ ଇଲାକାର ଫୁଲ', ଦୁଇ ଘଣ୍ଟା ଅବଧିର ନାଟକ ହିଁ ବେଶ୍ ପରିଚିତ କଲା ମୋତେ। ସେଥିପାଇଁ ମୋତେ ପାରିଶ୍ରମିକ ମିଳିଲା ତିନି ଶହ ଟଙ୍କା। ଅବଶ୍ୟ କଟକ ରେଡ଼ିଓ ଷ୍ଟେସନରେ ମୁଁ ଉପସ୍ଥାପନା କରୁଥାଏ ଯୁବବାଣୀରେ ସେତେବେଳେ। କୃଷି ବିଜ୍ଞାନୀ ହେବା ପରେ ଚାକିରି ଏ.ଇ.ଓ ଭାବେ ମାଥିଲିରେ। ମନ କିନ୍ତୁ ଲାଗୁ ନଥାଏ। ଏଣୁ ଛୁଟିରେ ରହୁଥିଲି। ଏହି ଭଦ୍ରକ ରହଣି କାଳରେ ବ୍ୟାଙ୍କ ଅଫିସର ଚାକିରି ମିଳିଲା। କିନ୍ତୁ ଦୂର ପୋଷ୍ଟିଂ। ସୁଦୂର ଆସାମରୁ ଫେରି ଭଦ୍ରକରେ ଅବସ୍ଥାପିତ ହେଲି। ପୁଣି ରଙ୍ଗମଞ୍ଚ ଡାକିଲା ଆ... ଆ...। ଭଦ୍ରକର ସାହିତ୍ୟ ସଂସ୍କୃତି ପରିଷଦର ସଂପାଦକ ହେଲି। ଏହା ପରେ ଅନେକ ନାଟକ ମଞ୍ଚସ୍ଥ ହେଲା। ହେୟା ହୋ, ଇର୍ଷାରେ ଜଳୁଛି ସହର ଇତ୍ୟାଦି। ଏହି ସମୟରେ ଜଗଦ୍ଧାତ୍ରୀ ଅପେରା ପାର୍ଟି ହେଲା। ସେମାନେ ଆସିଥିଲେ ଡଃ ସୁଧାଂଶୁ ନାୟକ, ନାଟ୍ୟକାରଙ୍କ ପାଖକୁ ନାଟକ ପାଇଁ। ସେହି ନାଟକରେ ମୋତେ ସଂଯୋଜିତ କରାଗଲା ନିର୍ଦ୍ଦେଶକ ଭାବେ। ନାଟକ ମୋର ଯାତ୍ରାରେ ପ୍ରଥମ। 'ମାଣିକ' ନାଆଁରେ ନାଟକ ମଞ୍ଚସ୍ଥ ହେଲା। ଗୀତ ଓ ସ୍ୱର ବି ମୁଁ କଲି। ସଂଯୋଜନା କରିଥିଲେ କୃଷ୍ଣ ପଣ୍ଡା। ଆମର ପ୍ରତିଦ୍ୱନ୍ଦୀ ଥିଲେ ସଚ୍ଚିଦାସ, ବ୍ୟୋମକେଶ ତ୍ରିପାଠୀ ଓ ଜନାର୍ଦ୍ଦନ ମିଶ୍ର ଗୁରୁମାନେ। ଯାହା ହେଉ ଆମ ନାଟକ ପ୍ରଥମ ଦିନ ମଞ୍ଚସ୍ଥ ହେଲା ଓ ବହୁ ଦର୍ଶକଙ୍କ ଅନୁରୋଧରେ କେବଳ ସେହି ନାଟକ ପାଞ୍ଚଦିନ ଧରି ଚାଲିଲା। ମୁଁ ଯାତ୍ରା ନାଟୁଆ ହୋଇଗଲି।





ଏହା ପରେ ବାଘାଯତୀନ୍ ଲୋକ ନାଟ୍ୟରୁ ମିଳିଲା ବଇନା। ଅଧା ରତୁରେ ନାଟକ ହେଲା 'ପୁଚିଲୋ ଘୁଞ୍ଚିଯା।' ଏହାର ସଫଳତା ପରେ ନାଟକ 'କାଉ ରାବିଲାନି କା', ତା'ପରେ 'ସହିଲୋ ମୋରାଣ ତୋତେ', ଚହଲା ପାଣି, ଝୁଲ ହାତୀ ଝୁଲ ଓ ଉଡ଼ିଗଲା ତୋର ପାଟ ଓଢ଼ଣୀ ପରି ନାଟକ ସଫଳ ହେଲା। ଅନ୍ୟ ପାର୍ଟିରୁ ଡାକରା ଆସିଲା। ପାର୍ବତୀର ନାଟକ 'ରୂପା କାନଫୁଲ ରୂପ ପାଉଁଜିର' ନାଟ୍ୟକାର ଓ ଗୀତିକାର ହେଲି। ଧଉଳିର ନାଟକ ଶାମୁକା ଭିତରେ ଗଜ ମୁକୁତା, କଥାରେ କେଁ ରହିଛି, ପରଜାପତି ତରକା ଅତି ଇତ୍ୟାଦି ନାଟକ ମଞ୍ଚସ୍ଥ ହୋଇ ସଫଳ ହେଲା। ସଚ୍ଚିଦାନନ୍ଦର ଅଣପୁରୁଷା, ମୁଁ ପିପିଲି ଝିଅ...ମୋତେ ବିଚାର ଦିଅ, ତାରାପୁରର କଥା ରଖିଲାନି ମଥା ସିନ୍ଦୁର, ପଞ୍ଚସଖାର ସଜନୀ ଲାଜରେ ଗଲି ମରି, ଇତ୍ୟାଦି। ମୋ ଜୀବନର ଗୋଟିଏ ଏମିତି ନାଟକ କରିଛି ଯାହାର ଗୀତିକାର, ସଂଗୀତକାର, ଲେଖକ ଓ ନିର୍ଦ୍ଦେଶକ ମୁଁ ଏକା। ନାଟକ 'ମେଘ ବରଷିଲା ଟୁପୁରୁ ଟୁପୁରୁ' ହେଉଛି ସେହି ଜନତା ଗଣନାଟ୍ୟର ନାଟକ।

ମଞ୍ଚ ଛାଡ଼ିଲେ ସିରିଏଲ୍ ସିନେମାର ମଞ୍ଚ ବି ଡାକିଛି। ମୋତେ କାନ୍ହୁ କହେ କାହାଣୀ (୧୫୦ ଏପିସୋଡ୍) ଓ ସିନେମା ବାଘବଜାରୀର ଗୀତ ସଂଗୀତ, ସିନେମା 'ସିନ୍ଦୁରା'ର ଚିତ୍ରନାଟ୍ୟ, ସଂଳାପ ଓ ଗୀତ ମୋ ଦାୟିତ୍ୱରେ ଥିଲା। ଏହାପରେ ମଞ୍ଚ ମୋ ପିଛା ଛାଡ଼ିନି କି ମୁଁ ବି ମଞ୍ଚମାୟାରୁ ମୁକୁଳି ପାରିନି।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com